# ଅନୁପ୍ରବେଶକାରୀଙ୍କୁ ନେଇ ଆଶଙ୍କା: ସତର୍କ ରହିଛି ପୋଲିସ

**ବାଂଲାଦେଶରେ ଅସ୍ଥିରତା**

ରାୟଗଡ଼ା,୧୦।୮(ଆଶିଷ ରଞ୍ଜନ ପଣ୍ଡା)

ବାଂଲାଦେଶରେ ରାଜନୈତିକ ହିଂସାକାଣ୍ଡ ଓ ଅସ୍ଥିରତା ପରେ ଭାରତ ସୀମାରେ ବଢ଼ିଛି ଅନୁପ୍ରବେଶ ଉଦ୍ୟମ। ତେବେ ଏହି ଅନୁପ୍ରବେଶକାରୀଙ୍କ ପାଇଁ ଓଡ଼ିଶାର ରାୟଗଡ଼ା ଜିଲାରେ ସତର୍କତା ଜାରି କରାଯାଇଛି। କାରଣ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ବାଂଲାଦେଶୀ ଘର ଭଡ଼ା ନେଇ ରହୁଥିବାରୁ ଏବେ ଅନୁପ୍ରବେଶକାରୀମାନେ ଆସିବା ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ସ୍କାନରରେ ରହିଛି ରାୟଗଡ଼ା ଜିଲା । ଅନ୍ୟପଟେ ରାୟଗଡ଼ାରେ ଘର ମାଲିକ ଭଡ଼ାଟିଆଙ୍କ କୌଣସି ସୂଚନା ପୋଲିସ ନିକଟରେ ଦାଖଲ କରୁ ନ ଥିବାରୁ ପୋଲିସ ମଧ୍ୟ ଏ ନେଇ କୌଣସି ଦୃଢ଼ ପଦକ୍ଷେପ ନେଇପାରୁ ନ ଥିବା ଜଣାପଡ଼ିଛି। ଅନୁପ୍ରବେଶକାରୀଙ୍କ ଅଞ୍ଚଳରେ ସେଭଳି ପ୍ରବେଶ ନଜରକୁ ଆସିନାହିଁ । ରାୟଗଡ଼ା ଜିଲାରେ ରହୁଥିବା ବାଂଲାଦେଶୀଙ୍କ ବିଷୟରେ ତଦନ୍ତ କରାଯିବ ବୋଲି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା କହିଛନ୍ତି । ପୋଲିସ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଉଛି ବୋଲି ସେ କହିଛନ୍ତି।

ବାଂଲାଦେଶୀଙ୍କୁ ଛାଡ଼ିଦେଲେ ରାୟଗଡ଼ା ଜିଲାରେ ବହୁ ବିଦେଶୀ ମଧ୍ୟ ରହୁଛନ୍ତି। ମୁଖ୍ୟତଃ ଜିଲା ସଦର ମହକୁମା, ମୁନିଗୁଡ଼ା ଏବଂ କୋଲନରା ବ୍ଲକ୍‌ରେ ବାଂଲାଦେଶୀଙ୍କ ସମେତ ନେପାଳ ଓ ମ୍ୟାନ୍‌ମାରରୁ ବହୁ ବିଦେଶୀ ରହି ବିଭିନ୍ନ ବ୍ୟବସାୟ କରୁଛନ୍ତି । ସେମାନଙ୍କ ତଥ୍ୟ ପୋଲିସଠାରୁ ଆରମ୍ଭକରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ଏଭଳିକି ବିଦେଶୀ ପର୍ଯ୍ୟଟକ ଜିଲାକୁ ଆସିଲେ କିଛି ହୋଟେଲକୁ ଛାଡ଼ି ଦେଲେ ଅନ୍ୟ କେହି ସ୍ଥାନୀୟ ଥାନା ଏବଂ ଡିଆଇବିକୁ ଫର୍ମ-ସି ଦେଉ ନ ଥିବା ଜଣାପଡ଼ିଛି । ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା କଡ଼ାକଡ଼ି ହେଉ ନ ଥିବାରୁ ବାହାରୁ ଆସୁଥିବା ଲୋକଙ୍କ ତଥ୍ୟ ହୋଟେଲ ମାଲିକ ଓ ଘର ମାଲିକମାନେ ପୋଲିସ ନିକଟରେ ଦାଖଲ କରୁ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ରାୟଗଡ଼ା ଜିଲା ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିବା ଏବଂ କିଛି ମାସ ହେବ ମାଓବାଦୀ କାର୍ଯ୍ୟକଳାପ ବଢ଼ିଥିବାରୁ ଏହି ବିଦେଶୀମାନେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସାଜିପାରନ୍ତି ବୋଲି ଆଲୋଚନା ହେଉଛି।

ଜିଲାପାଳଙ୍କ କାର୍ଯ୍ୟାଳୟ ସୂଚନା ପ୍ରକାରେ, କୋଲନରା ବ୍ଲକ୍ ଥେରୁବାଲିଠାରେ ପ୍ରାୟ ୬୯ ପରିବାରରେ ୩୦୪ଜଣ ବାଂଲାଦେଶୀ ରହୁଛନ୍ତି । ସେମାନଙ୍କ ମଧ୍ୟରୁ ମହିଳା ୮୩, ପୁରୁଷ ୯୧ ଏବଂ ସର୍ବାଧିକ ୧୩୦ ଶିଶୁ ରହିଥିବା ଜଣାପଡ଼ିଛି । ସେମାନେ ଦୀର୍ଘବର୍ଷ ହେଲାଣି ଥେରୁବାଲିସ୍ଥିତ ଡିପି କ୍ୟାମ୍ପରେ ରହିଆସୁଛନ୍ତି । ହେଲେ ବାଂଲାଦେଶୀଙ୍କୁ ଛାଡ଼ି ଦେଲେ ଅନ୍ୟ ଅନୁପ୍ରବେଶକାରୀଙ୍କ ତଥ୍ୟ ପୋଲିସ ନିକଟରେ ନାହିଁ। ପୋଲିସ ଏ ନେଇ କେଉଁଭଳି ଛାନ୍‌ଭିନ୍ କରି ତଥ୍ୟ ରଖୁଛି ତାହା ମଧ୍ୟ ଜଣାପଡୁନାହିଁ। ତେବେ ଜିଲା ପ୍ରଶାସନ ନିକଟରେ ୨୦୨୨ ତଥ୍ୟ ଅନୁସାରେ ୩୦୪ଜଣ ବାଂଲାଦେଶୀ ରହୁଥିବା ଖବର ଅଛି । ଜିଲାପାଳଙ୍କ କାର୍ଯ୍ୟାଳୟର ଜୁଲାଇ ୨୦୨୨ ମସିହାର ଚିଠି ନଂ. ୧୧୨୦ ପରେ ପ୍ରଶାସନ ନିକଟର ଆଉ ପରବର୍ତ୍ତୀ ତଥ୍ୟ ନାହିଁ । ରାୟଗଡ଼ା ସଦର ମହକୁମାଠାରୁ ଆରମ୍ଭକରି ଜିଲାର ବିଭିନ୍ନ ଖଣି ଅଞ୍ଚଳରେ ବିଶେଷକରି ବାଂଲାଦେଶ, ମ୍ୟାନ୍‌ମାର ଆଦି ଦେଶରୁ ବହୁ ଅନୁପ୍ରବେଶକାରୀ ଆସି ମାର୍ବଲ କାମ, ମିସ୍ତ୍ରି କାମ, ଇଲେକ୍ଟ୍ରିକାଲ କାମ, ଗ୍ୟାରେଜରେ ରହି କାମ କରୁଛନ୍ତି। ଦିନରେ କାମ କରିବା ପରେ ରାତିରେ ଭଡ଼ା ନେଇଥିବା ଘରେ ବେଆଇନ ଭାବେ ରହୁଛନ୍ତି । ତେବେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ନିୟମକୁ କଡ଼ାକଡ଼ି କରାଯାଇ ତଦନ୍ତ କରାଗଲେ ଜିଲାରେ ରହୁଥିବା ଏହିଭଳି ବେଆଇନ ଅନୁପ୍ରବେଶକାରୀଙ୍କ ତଥ୍ୟ ମିଳିପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ୱାର୍କର୍ସ କ୍ଲବ୍ ପ୍ରତିଷ୍ଠା ଦିବସରେ ଚାଲିବା ପ୍ରତିଯୋଗିତା



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ରାୟଗଡ଼ା,୧୦।୮(ଆଶିଷ ରଞ୍ଜନ ପଣ୍ଡା )

ୱାର୍କର୍ସ କ୍ଲବ୍ ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ସମ୍ମାନିତ ଅତିଥି ରୂପେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କଅଁର ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଚାଲିବା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବରିଷ୍ଠ ଦଳରେ ୱାଇ. ତିରୁପତି ପ୍ରସାଦ ପଣ୍ଡା, ଡ. ବାବୁରାଓ ମହାନ୍ତି, ମନ୍ମଥ ତୁଳ, ଗୋପାଳ ଜୈନ, ପି. ଗୌରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୬୦ ବର୍ଷରୁ କମ୍ ଚାଲିବା ପ୍ରତିଯୋଗିତାରେ ଉପେନ୍ଦ୍ର ନାଇଡୁ, ଜି.ରମୁ, ଜି.ତିରୁପତି, କେ. ବାଲାଜୀ ପୁରସ୍କୃତ ହୋଇଥିଲେ। କ୍ଲବ୍ ସମ୍ପାଦକ ରୁଦ୍ରପ୍ରସାଦ ଚୌଧୁରୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଏବଂ କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସଭାପତି ଅଭିମନ୍ୟୁ ନାୟକ, ମୁଖ୍ୟ ସଂଯୋଜକ ସତ୍ୟବାଦୀ ପତି, ପୂର୍ବତନ ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ସମେତ ଅନ୍ୟ ପୂର୍ବତନ ସଭାପତିଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ବିଦ୍ୟାଳୟସ୍ତରୀୟ ପିଲାମାନଙ୍କ ପ୍ରବନ୍ଧ ପ୍ରତିଯୋଗିତାରେ ଏସ୍.ଏଚ୍.ସ୍କୁଲ ଛାତ୍ରୀ ଦୀକ୍ଷିତା ରଣା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଧାଂଶୁବାଳା ବାଡ୍ରିଆ, ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଏ. ଉଦୟ କୁମାର, ଏସ୍. ତନ୍ମୟୀ ଏବଂ ତର୍କ ପ୍ରତିଯୋଗିତାରେ ପ୍ରସାଦ ଟେକ୍ନୋ ସ୍କୁଲର ପି. ପୂଜା, ବିଘ୍ନେନ ବିଦ୍ୟାଳୟର ଅର୍ପିତା ପଣ୍ଡା, ଦୀପ୍ତି କନ୍‌ଭେଣ୍ଟ ସ୍କୁଲର ଏ. ତିୱାରୀ, ଏସ୍.ଟି. ଜେଭିୟର ସ୍କୁଲର ସୌମ୍ୟଶ୍ରୀ ପଣ୍ଡା ପୁରସ୍କୃତ ହୋଇଥିଲେ । ସୁସ୍ଥ ଜୀବନ ଯାପନ ପାଇଁ ନିୟମିତ ଚାଲିବା ଦରକାର ବୋଲି ଡ. ଦୁଷ୍ମନ୍ତ କୁମାର ମହାନ୍ତି ମତ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ।

ପଦ୍ମପୁର, ୧୦।୮(ପ୍ରଶାନ୍ତ କୁମାର କର)

ପଦ୍ମପୁର ପଞ୍ଚାୟତ ସମିତି ସଦ୍‌ଭାବନା କକ୍ଷରେ ବିଡିଓ ଶିବପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ, ଚାରାରୋପଣ କାର୍ଯ୍ୟକ୍ରମ, ତ୍ରିରଙ୍ଗା ପଦଯାତ୍ରା, ତ୍ରିରଙ୍ଗା ସାଇକେଲ ରାଲି, ତ୍ରିରଙ୍ଗା କାନ୍‌ଭାସ ଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ମାଧ୍ୟମରେ ଜାତୀୟ ପତାକାକୁ ସମ୍ମାନ ଦିଆଯିବା ସହ କିଭଳି ଲୋକଙ୍କ ମଧ୍ୟରେ ଦେଶପ୍ରେମ ଭାବ ଜାଗ୍ରତ ହୋଇପାରିବ ସେ ନେଇ ଉପସ୍ଥିତ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା । ଉକ୍ତ ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ରଥ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପି. କାଦମ୍ବାଲୁ, ଭାରପ୍ରାପ୍ତ ଶିଶୁ ବିକାଶ ଅଧିକାରୀ ସାବିତ୍ରୀ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ବିନୋଦ ଶବର, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ ମିଶ୍ର, ପଦ୍ମପୁର ପଞ୍ଚାୟତ ଅଧିକାରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ,ଆଖୁସିଂ ପଞ୍ଚାୟତ ଅଧିକାରୀ ଦାଶରଥି ଗମାଙ୍ଗ,ପଦ୍ମପୁର ସରପଞ୍ଚ କଣ୍ଡଗୋରୀ ପ୍ରକାଶ, ପଦ୍ମପୁର ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ବାର୍ ଆସୋସିଏଶନ ସଭାପତି ସରୋଜ ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟାପକ ଉଦୟ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଳୁ କେ.ଜି. ୪୦ ଟଙ୍କାରେ ବିକିବାକୁ ନିର୍ଦ୍ଦେଶ

**ଯୋଗାଣ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ**

ଗୁଣପୁର,୧୦।୮(ପ୍ରଦୀପ କୁମାର ପାଢୀ)



ଯୋଗାଣ ବିଭାଗ ଅଧିକାରୀ ଆଳୁ ଗୋଦାମରେ ଚଢ଼ାଉ କରୁଛନ୍ତି।

ରାୟଗଡା ଜିଲା ଗୁଣପୁର ସହରରେ ବିଭିନ୍ନ ସ୍ଥାନରେ ଆଳୁ ଦର ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ପରେ ଯୋଗାଣ ବିଭାଗ ପକ୍ଷରୁ ଶନିବାର ସହରର ବିଭିନ୍ନ ଦୋକାନ ସହ ଆଳୁ ହୋଲସେଲ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଆଳୁର କଳାବଜାରି କିମ୍ବା ଅଧିକ ଦାମରେ ବିକ୍ରୟ କରାଗଲେ ଆଳୁ ଗୋଦାମର ମାଲିକ ସହ ଖୁଚୁରା ବ୍ୟବସାୟୀଙ୍କ ବିରୋଧରେ ଆଇନ ମୁତାବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର ଚେତେବନୀ ଦେଇଛନ୍ତି। ଏଥିସହ ଦୋକାନୀମାନେ ଦୋକାନ ବାହାରେ ଦର ଟାଙ୍ଗିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଢ଼ାଉ ସମୟରେ ଯୋଗାଣ ନିରୀକ୍ଷକ ରୀତା ବେହେରା ଏବଂ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ହୋଲସେଲରେ ଆଳୁଦର ୩୫ ଟଙ୍କା ରହିଥିବା ମାଲିକଙ୍କ ପକ୍ଷରୁ କୁହାଯାଇଛି ।

# ଯୁବ କଂଗ୍ରେସ ପକ୍ଷରୁ ଚାରାରୋପଣ

ରାୟଗଡ଼ା, ୧୦।୮ (ଆଶିଷ ରଞ୍ଜନ ପଣ୍ଡା )

ଭାରତୀୟ ଯୁବକଂଗ୍ରେସର ୬୪ତମ ସ୍ଥାପନ ଦିବସ ଉପଲକ୍ଷେ ଶୁକ୍ରବାର ରାୟଗଡ଼ା ଜିଲା ଯୁବ କଂଗ୍ରେସ ସଭାପତି ମୋହନ ନାୟକଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏଥିରେ ରାୟଗଡ଼ା ଜିଲାର ପୂର୍ବତନ ଯୁବକଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ସୟଦ ଜୟନୁଲ ହକ୍, ଓଡ଼ିଶା ଛାତ୍ର କଂଗ୍ରେସ ସମ୍ପାଦକ ଜୁନେସ କୁମାର ନାୟକ, ରାୟଗଡ଼ା ନଗରର ସଚେତନ ନାଗରିକ ପି.ପ୍ରଦୀପ କୁମାର, ରାହୁଲ କୁମାର, ଅଶୋକ ପୁଆଲା, ରାୟଗଡ଼ା ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ଉପସଭାପତି ଅଶୋକ ପୁଆଲା ପ୍ରମୁଖ ଯୋଗଦେଇ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥିଲେ।

# କାଶୀପୁରରେ ସରକାରୀ ଡିଗ୍ରୀ କଲେଜ ଉଦ୍‌ଘାଟନ

ଟିକିରି, ୧୦।୮ (ପ୍ରଫୁଲ୍ଲ କୁମାର ବେହେରା)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଉଚ୍ଚ ଶିକ୍ଷା,କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଦ୍ୱାରା ଶୁକ୍ରବାର ୧୪ଟି ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ କାଶୀପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାଶୀପୁର ବିଡିଓ ଅମୃତ ରାଉଳ, ତହସିଲଦାର ସୁନୀଲ କୁମାର ପ୍ରଧାନ, କାଶୀପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର କିଷାନ ଓ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କାଶୀପୁର ବ୍ଲକ୍ ଭୌଗୋଳିକ ମାନଚିତ୍ରରେ ସମଗ୍ର ଓଡ଼ିଶାରେ ବଡ଼ ବ୍ଲକ୍ ଭାବେ ଚତୁର୍ଥ ସ୍ଥାନର ମାନ୍ୟତା ପାଇଛି । ଏଠାରେ ବହୁ ସଂଖ୍ୟାରେ ଅନୁସୂଚିତ ଜନଜାତି ଜାତି ସମ୍ପ୍ରଦାୟର ଲୋକେ ବାସ କରନ୍ତି। ହେଲେ ଏଠାରେ ଡିଗ୍ରୀ କଲେଜ ନ ଥିବାରୁ ଉଚ୍ଚ ଶିକ୍ଷା ପାଇଁ ଦୂରସ୍ଥାନକୁ ଯିବାକୁ ପଡୁଥିବାରୁ ବହୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ବର୍ତ୍ତମାନ ନିଜ ଅଞ୍ଚଳରେ ନୂତନ ସ୍ନାତକ ମହାବିଦ୍ୟାଳୟ ଖୋଲିବା ପରେ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଖୁସି ପ୍ରକାଶ ପାଇଛି।

# ଡିପିସିଙ୍କ ଦସ୍ତଖତରେ ନକଲି ନିଯୁକ୍ତିପତ୍ର

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଚାକିରି**

ରାୟଗଡ଼ା,୧୦।୮(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ହିସାବ ରକ୍ଷକ ଓ ୱାର୍ଡେନ ନିଯୁକ୍ତି ନାଁରେ ନକଲି ନିଯୁକ୍ତିପତ୍ର ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଉକ୍ତ ନକଲି ନିଯୁକ୍ତିପତ୍ରରେ ସମଗ୍ର ଶିକ୍ଷା ବିଭାଗର ଜିଲା ପ୍ରକଳ୍ପ ସଂଯୋଜକଙ୍କ ଅସଲି ଦସ୍ତଖତ ରହିଥିବା ଦେଖିବାକୁ ମିଳିଛି।

ଘଟଣାରୁ ପ୍ରକାଶ ଯେ, ଜିଲାର ବିଭିନ୍ନ ସ୍ଥାନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ହିସାବ ରକ୍ଷକ ଓ ୱାର୍ଡେନ ନିଯୁକ୍ତିପତ୍ର ନେଇ ୨୦ଜଣ ବିଭିନ୍ନ ବିଦ୍ୟାଳୟକୁ ଯାଇଥିଲେ । ତେବେ ସେଠାକାର ପ୍ରଧାନ ଶିକ୍ଷୟିତ୍ରୀ ଏହା ନକଲି ନିଯୁକ୍ତିପତ୍ର ଏବଂ ନିଯୁକ୍ତି ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଆସି ନ ଥିବା କହିଥିଲେ । ପରବର୍ତ୍ତୀ ସମୟରେ ଏ ନେଇ ବିଭାଗକୁ ସୂଚନା ମଧ୍ୟ ଦେଇଥିଲେ । ଏହାପରେ ଆଶାୟୀମାନେ ୮ ତାରିଖରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟକୁ ଆସି ନିଯୁକ୍ତିପତ୍ର ଦେଖାଇଥିଲେ। ତେବେ ଉକ୍ତ ନିଯୁକ୍ତିପତ୍ରରେ ବିଭାଗର ଯେଉଁ ଚିଠି ନମ୍ବର ରହିଛି ତାହା କେବେ କାର୍ଯ୍ୟାଳୟରେ ବ୍ୟବହାର ହୋଇନାହିଁ। ତେବେ ଜାଲିଆତି କରିଥିବା ବ୍ୟକ୍ତି ଅତି ଚତୁରତାର ସହ ସମଗ୍ର ଶିକ୍ଷା ଡିପିସିଙ୍କ ଅସଲି ଦସ୍ତଖତ ବ୍ୟବହାର କରିଥିବା ଜଣାପଡ଼ିଛି। ତେବେ ନକଲି ନିଯୁକ୍ତିପତ୍ର ଜାଣିବା ପରେ ଠକେଇର ଶିକାର ହୋଇଥିବା ଯୁବତୀଯୁବକ ଚାଲି ଯାଇଥିଲେ। ବିଭାଗୀୟ କର୍ମଚାରୀ ଖୋଳତାଡ଼ କରିବା ପରେ ଯେଉଁ ୨୦ ଜଣକୁ ନିଯୁକ୍ତିପତ୍ର ପ୍ରଦାନ ହୋଇଛି, ସେମାନେ ଚାକିରି ପାଇଁ ମୂଳରୁ ଆବେଦନକରି ନ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ୨୦୨୩ ପ୍ରଥମାର୍ଦ୍ଧରେ ଜିଲାର ୧୦ଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ହିସାବ ରକ୍ଷକ ଓ ୱାର୍ଡେନ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ଅନେକ ଆଶାୟୀ ଆବେଦନ କରିଥିଲେ। ହେଲେ ଏ ନେଇ କୌଣସି ସାକ୍ଷାତ୍‌କାର ଅନୁଷ୍ଠିତ ହୋଇନାହିଁ। ତେବେ ଗତ ୫ ତାରିଖରେ କେଜିବିଭିଗୁଡ଼ିକରେ ଯୋଗଦାନ ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ରିପୋର୍ଟ କରିବା ନାମରେ ଏକ ୨୦ ଜଣିଆ ତାଲିକା ମୋବାଇଲରେ ଘୂରି ବୁଲିଥିଲା। ଉକ୍ତ ନିଯୁକ୍ତିପତ୍ରରେ ୧୦ଟି କେଜିବିଭି ପାଇଁ ୨୦ ଜଣଙ୍କ ନାମ ରହିଛି। ସେମାନେ ଗତ ୫ ତାରିଖରେ ନିଜର ନିଯୁକ୍ତିସ୍ଥଳକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କୁ ରିପୋର୍ଟକରି ଚାକିରିରେ ଯୋଗଦାନ ପାଇଁ କହିଥିଲେ। ହେଲେ ସମସ୍ତ ୧୦ କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀ ରୋକ୍‌ଠୋକ୍ ମନା କରିଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ୮ ତାରିଖରେ ଫୋନ୍ ଯୋଗେ ରାୟଗଡ଼ା ଟାଉନ ଥାନାକୁ ଜଣାଇବା ସହ ସମ୍ପୃକ୍ତ ଯୁବତୀ ଯୁବକଙ୍କୁ ଥାନାରେ ଏତଲା ଦେବା ପାଇଁ ପରାମର୍ଶ ଦେଇଥିଲେ । ସୋମବାର ଏ ନେଇ ଜିଲା ପ୍ରକଳ୍ପ ସଂଯୋଜକ ଥାନାରେ ଲିଖିତ ଏତଲା ଦେବେ ବୋଲି କହିଛନ୍ତି।

# ଜାତୀୟ କୃମିନାଶ ଦିବସ ଶୁଭାରମ୍ଭ



ସିଡିଏମ୍‌ଓ ଜଣେ ଛାତ୍ରୀଙ୍କୁ କୃମିନାଶ ଔଷଧ ଖୁଆଉଛନ୍ତି।

ରାୟଗଡ଼ା, ୧୦।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଲାଲମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶନିବାର ଜିସିଡ଼ି ଜିଲା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମିନାଶ ଦିବସ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା ମମତା ସାହୁ, ଜିଲା ଶିକ୍ଷା ଅଧିକାରୀ ଡ ବସନ୍ତ କୁମାର ନାୟକ , ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ରାଜେଶ୍ୱର ରାଓ ପଟ୍ଟନାୟକ ଏବଂ ଜିସିଡ଼ି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ, ନିରୋଗ ପାଇଁ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯାଇଥାଏ । ଏହି ସ୍ୱାସ୍ଥ୍ୟ ସେବା ପ୍ରତି ପିଲାଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ବୋଲି ସିଡିଏମ୍‌ଓ କହିଥିଲେ ।

# କୃଷିଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱ

**ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ**

ଗୁଣୁପୁର, ୧୦।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରାଳୟ ଓ ବିଜ୍ଞାନ ଓ ଯାନ୍ତ୍ରିକ ଗବେଷଣା ସଂସ୍ଥା ସହଯୋଗରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । କମ୍ପ୍ୟୁଟର, କୃଷି ସମ୍ବନ୍ଧୀୟ ଜୈବ ପ୍ରଯୁକ୍ତି ବିଦ୍ୟାର ମାନବ କଲ୍ୟାଣରେ ସାମ୍ପ୍ରତିକ ଅଗ୍ରଗତି ସମ୍ପର୍କରେ ଏହା ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଇକୋସିଆଟିଏର ସହ-ପ୍ରତିଷ୍ଠାତା କୀର୍ତ୍ତି ପ୍ରସନ୍ନ ମିଶ୍ର ଯୋଗଦେଇ କୃଷିଭିତ୍ତିକ ଗବେଷଣା ନିମନ୍ତେ ଗୁରୁତ୍ୱ ଦେଇଥିଲେ । ଛାତ୍ରୀଛାତ୍ର ମାନବ କଲ୍ୟାଣ ନିମନ୍ତେ ହେଉଥିବା ବିଭିନ୍ନ ଉନ୍ନତ ଜ୍ଞାନ କୌଶଳ ଉପରେ ଗବେଷଣା କରିବା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ଡ଼ ସତ୍ୟ ପ୍ରକାଶ ପଣ୍ଡା ଗୁରତ୍ୱାରୋପ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଶ୍ରୀକାକୁଲମସ୍ଥିତ ଡ଼. ବି ଆର ଅମ୍ବେଡକର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼.ପି ସୁଜାତା ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ସ୍ୱଳ୍ପ ଚାଷ ଜମିରେ କିପରି ଅଧିକ ଉତ୍ପାଦନ କରି ଖାଦ୍ୟ ସଙ୍କଟକୁ ଦୂର କରାଯାଇପାରିବ ସେ ନେଇ କହିଥିଲେ। ପ୍ରୋ ଚାନ୍ସେଲର ପ୍ରଫେସର ଡ଼. ଲଳିତ ମୋହନ ପଟ୍ଟନାୟକ ଯୋଗଦେଇଥିଲେ । କୁଳପତି ଡ଼. ଏ ଭିଏନଏଲ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ସମ୍ମିଳନୀର ଆବାହକ ଡ଼. ବିଶ୍ୱ ରଞ୍ଜନ ଭୋଳା କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପିକା ସହ ଆବାହକ ଡ଼. ଗିନି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ ଏନ.ଭି. ଜଗନ୍ନାଧା ରାଓ, ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ପି .ଏସ .ପି ,ଧନଞ୍ଜୟ ,ଭୁବନେଶ୍ୱରସ୍ଥିତ ଆଇଆଇଟିର ପ୍ରଫେସର ବିଶ୍ୱ ରଞ୍ଜନ ପ୍ରଧାନ,ଭୁବନେଶ୍ୱର ସ୍ଥିତ ଆଇ ସିଏମଆରର ଡ଼. ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମିଳନୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ସମ୍ମିଳନୀ କୁ ସହ ଆବାହକ ଡ଼. ଦୀପ୍ତି କାନ୍ତ ଆଚାର୍ଯ୍ୟ,ଘନିଷ୍ଠା ପୃଷ୍ଟି, ଡ଼. ରାଘବେନ୍ଦ୍ର କୁମାର, ସୁଚରିତା ପଣ୍ଡା, ମିତା ମେହେର ପ୍ରମୁଖ ପରିଚାଳନା କରିଥିଲେ। କମ୍ପ୍ୟୁଟର ସାଇନ୍ସ, ବାୟୋ ଟେକ୍ନୋଲୋଜି ଓ ଏଗ୍ରିକଲ୍ଚର ବିଭାଗ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ୫୪ ବର୍ଷର ଦାବି ପୂରଣ ହେଲା, କୃତଜ୍ଞତା ଉତ୍ସବ ପାଳନ

**ଗୁଣପୁର ଥେରୁବାଲି ରେଳପଥକୁ କ୍ୟାବିନେଟ ମଞ୍ଜୁର**

ଗୁଣପୁର,୧୦।୮(ପ୍ରଦୀପ କୁମାର ପାଢୀ)

ଗୁଣପୁରରୁ ଥେରୁବାଲିକୁ ରେଳ ସଂଯୋଗ ପାଇଁ ୧୯୭୦ରୁ ଦାବି ହୋଇଆସୁଥିଲା। ଦୀର୍ଘ ୫୪ ବର୍ଷର ଦାବି ଏବେ ସାକାର ହୋଇଛି। ଶୁକ୍ରବାର କେନ୍ଦ୍ର କ୍ୟାବିନେଟରେ ଏହି ରେଳପଥ ନିର୍ମାଣ ମଞ୍ଜୁର ହୋଇଛି। ଯାହାକୁ ନେଇ ଗୁଣପୁର ସହରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ନବ ନିର୍ମାଣ ସମିତି ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟାରେ ସହରର ଷ୍ଟେଶନ ଛକଠାରେ କୃତଜ୍ଞତା ଉତ୍ସବ ପାଳନ କରାଯାଇଥିଲା। ମିଠା ବାଣ୍ଟିବା ସହ ବାଣ ଫୁଟାଇ ଉତ୍ସବ ପାଳନ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରି ଜୁଏଲ ଓରାମ,କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମ ମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ଅକ୍ଷୟ ଦାସ, ସମ୍ପାଦକ ରଞ୍ଜିତ ପାଢ଼ି, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଉମା ଶଙ୍କର ଦାସ, ସୂର୍ଯ୍ୟ ନାରାୟଣ ରଥ, ବାବା ପ୍ରସାଦ, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଜମି ଅଧିଗ୍ରହଣ କାର୍ଯ୍ୟ ଦ୍ରୁତ ଗତିରେ କରାଯିବ ବୋଲି କହିଛନ୍ତି। ଫଳରେ ଏହି ରେଳପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ସରିବା ନେଇ ଆଶା ପରିଲକ୍ଷିତ ହୋଇଛି।





ଗୁଣପୁର ଷ୍ଟେଶନ ଛକଠାରେ କୃତଜ୍ଞତା ସଭା ଚାଲିଛି।

# ପାରଳା ମହାରାଜା ନିର୍ମାଣ କରିଥିଲେ ରେଳଲାଇନ

ଗୁଣପୁର,(ପ୍ରଦୀପ କୁମାର ପାଢୀ)

୧୯୦୦ ମସିହାରେ ପାରଳା ମହାରାଜା ଗୌରଚନ୍ଦ୍ର ଗଜପତି ନୌପଡା ପାରଳାଖେମୁଣ୍ଡି ମଧ୍ୟରେ ୩୯ କି.ମି ରେଳଲାଇନକୁ ନିଜସ୍ୱ ଖର୍ଚ୍ଚରେ ନିର୍ମାଣ କରିଥିଲେ। ଏହାପରେ ତାଙ୍କ ପୁଅ ତଥା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ୧୯୨୩ରେ ପାରାଳାଖେମୁଣ୍ଡିରୁ ଗୁଣପୁର ୫୧ କି.ମି ରେଳପଥ ନିଜସ୍ୱ ପାଣ୍ଠିରୁ ନିର୍ମାଣ କରିଥିଲେ। ଗୁଣପୁରଠାରୁ ନୌପଡା ଏପରି ୯୦ କିମି ପାଇଁ ଦୁଇ ଯୋଡା କୋଇଲା ଇଞ୍ଜିନ ଟ୍ରେନ ଚଳାଚଳ କରୁଥିଲା। ଏହା ସହ ମାଲଗାଡିର ବ୍ୟବସ୍ଥା ମଧ୍ୟ ସେ ନିଜେ କରିଥିଲେ। ଦୁଇ ଯୋଡା ଗାଡି ପାରଳଖେମୁଣ୍ଡି ଠାରେ କ୍ରସିଂ କରୁଥିଲା। ପରବର୍ତ୍ତି ସମୟରେ କେନ୍ଦ୍ର ସରକାର ସାରା ଭାରତ ବର୍ଷରେ ଏକକ ଗଜ୍ କରିବା ପାଇଁ ନୌପଡା ଗୁଣପୁର ରେଳପଥକୁ ଉଠାଇ ଦେଇଥିଲେ। ପରେ ଏହି ରେଳପଥର ଭାଗ୍ୟ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଥିଲା। କିନ୍ତୁ ଶ୍ରୀକାକୁଲମ ଏମ୍‌ପି ସ୍ୱର୍ଗତ କେ.ୟାରମ ନାଇଡୁଙ୍କ ପ୍ରଚେଷ୍ଟାରେ ବାଜପେୟୀ ସରକାରଙ୍କ ରେଳରାଷ୍ଟ୍ର ମନ୍ତ୍ରୀ ବାଙ୍ଗାରୁ ଦତ୍ତାତ୍ରୟ ୨୦୦୧ରେ ନୌପଡା ଠାରେ ଏହି ରେଳପଥକୁ ପୁନଃ ଜୀବନ ଦେବା ସହ ବ୍ରଡ ରେଳପଥ ନିମନ୍ତେ ଶିଳାନ୍ୟାସ କରିଥିଲେ। ୨୦୧୧ ଅଗଷ୍ଟ ୨୧ରେ ଗୁଣପୁର ପୁରୀ ମଧ୍ୟରେ ପ୍ରଥମ ଟ୍ରେନ ଯାତାୟତ କରିଥିଲା। ଏହାପରଠାରୁ ବିଭିନ୍ନ ସମୟରେ ଗୁଣପୁରରୁ ବିଶାଖାପାଟଣା, ରାଉରକେଲା ଏବଂ କଟକକୁ ୪ ଯୋଡା ଟ୍ରେନ ଚଳାଚଳ କରୁଛି। ଏହାପରେ ଗୁଣପୁରରୁ ଥେରୁବାଲିକୁ ଯୋଗାଯୋଗ ନେଇ ଦାବି ତୀବ୍ରତର ହୋଇଥିଲା। ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘର ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡା, ସମ୍ପାଦକ ଗଜେନ୍ଦ୍ର ପଣ୍ଡା, ନବ ନିର୍ମାଣ ସମିତିର କର୍ମକର୍ତ୍ତାମାନେ ଗୁଣପୁର ଥେରୁବାଲି ରେଳପଥ ନିମନ୍ତେ ବହୁତ ଉଦ୍ୟମ କରିଥିଲେ। ରେଳ ବିକାଶ ମଞ୍ଚ ପକ୍ଷରୁ ଗୁଣପୁରଠାରୁ ସାଇକେଲ ଯାତ୍ରା କରାଯାଇ ରାୟଗଡାଠାରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ସମୟରେ ଦାବିପତ୍ର ପ୍ରଦାନ ସହ ବିଭିନ୍ନ ସ୍ତରରେ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ଭେଟି ଶତାୟୁ ରେଳପଥକୁ ଦୃଷ୍ଟି ଦେବାକୁ ବିଭିନ୍ନ ସଂଗଠନ ଦାବି କରୁଥିଲା। ଶେଷରେ ୨୦୧୭-୧୮ ରେଳ ବଜେଟରେ ଏହି ରେଳପଥ ସ୍ଥାନ ପାଇଥିଲା। ୭୩.୬୨ କି.ମି. ରେଳପଥ ପାଇଁ ୯୩୫.୭୨ କୋଟି ବ୍ୟୟ ଅଟକଳ ରଖାଯାଇଥିଲା। ଏହାପରେ ଏହି ରେଳପଥ ଆଉ ଆଗକୁ ବଢି ପାରି ନ ଥିଲା। ପ୍ରତ୍ୟେକ ରେଳ ବଜେଟରେ କିଛି କିଛି ଅନୁଦାନ ଆସି ପ୍ରକଳ୍ପ ବଞ୍ଚି ରହିଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଥିଲା। ଏହା ଲାଭ ଦାୟକ ପ୍ରକଳ୍ପ ନୁହେଁ କହି ରେଳ ବିଭାଗ ଓଡିଶା ସରକାରଙ୍କୁ ମାଗଣା ଜମି ସହ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବା ପାଇଁ କହିଥିଲେ। ତେବେ ପୂର୍ବତନ ରାଜ୍ୟ ସରକାର ମାଗଣା ଜମି ଦେବାକୁ କହିଥିଲେ ମଧ୍ୟ ପ୍ରକଳ୍ପର ଅଧା ଖର୍ଚ୍ଚ ନେଇ କୌଣସି ପ୍ରତିଶ୍ରୁତି ଦେଇ ନ ଥିଲେ। ଏପରି ଏହି ପ୍ରକଳ୍ପର ଭାଗ୍ୟ ସୁତା ଖିଅରେ ଲଟକି ରହିଥିଲା। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ମଧ୍ୟ ଏନେଇ ଅନେକ ଥର ସଂସଦରେ ଉଠାଇଥିଲେ। ଶେଷରେ ଡବଲ ଇଞ୍ଜିନ ସରକାର ହେବା ପରେ ଏହି ରେଳପଥ ବାସ୍ତବ ରୂପ ନେଇଥିଲା ।

# ବ୍ଳକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ଛାତ୍ରୀଛାତ୍ର, ଅଭିଭାବକ

କୁନ୍ଦୁରା,୧୦।୮(ସନ୍ତୋଷ ପ୍ରହରାଜ)




କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ମସିଗାଁ ପଞ୍ଚାୟତ ଅନ୍ତର୍ଗତ ବରଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୪/୫ ବର୍ଷ ହେବ ଶ୍ରେଣୀଗୃହ ସମସ୍ୟା ଲାଗିରହିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯାଉଛି। ଏଥିପାଇଁ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ଭଙ୍ଗା ଦଦରା ଶ୍ରେଣୀଗୃହରେ ବିପଦସଙ୍କୁଳ ଅବସ୍ଥାରେ ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ ଶିକ୍ଷକମାନେ ଡରୁଛନ୍ତି । ୩ଟି ଛାତ ନିର୍ମିତ ଶ୍ରେଣୀଗୃହ ରହିଥିବା ବେଳେ ଶୀତଦିନ ଏବଂ ଖରାଦିନେ ଗୋଟିଏ ଗୃହରେ ୨ଟି ଲେଖାଏ ଶ୍ରେଣୀର ପିଲାଙ୍କୁ ବସାଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ପଢାଉଥିଲେ। ମାତ୍ର ବର୍ଷାଦିନରେ ପିଲା ପାଠ ପଢିବା ତ ଦୂରର କଥା, ବସିବାକୁ ସ୍ଥାନ ନାହିଁ। ଛାତ ଉପରୁ ଛେଲା ଛେଲା ହୋଇ ସିମେଣ୍ଟ ଖଣ୍ଡ ଛାଡି ଶ୍ରେଣୀଗୃହରେ ପଡୁଛି। ଶ୍ରେଣୀଗୃହ ସାରା ପାଣିରେ ଭର୍ତ୍ତି ହୋଇଯାଉଛି। କବାଟ ଝରକା ସବୁ ନଷ୍ଟ ହୋଇଗଲାଣି। ବିଦ୍ୟାଳୟର ପାଚେରି ନାହିଁ। ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ପାଇଖାନା ବ୍ୟବସ୍ଥା ନାହିଁ। ଅଭିଭାବକମାନଙ୍କ କହିବା ଅନୁସାରେ ଗତ ୨-୩ ବର୍ଷ ହେବ ବର୍ଷା ଦିନ ଆସିଲେ ଆମେ ଆମ ପିଲାଙ୍କୁ ବିଦ୍ୟାଳୟ ଛାଡୁନାହୁଁ। ଗଲା ବେଳେ ଭଲରେ ଯିବେ ଆସିଲା ବେଳକୁ ଖଣ୍ଡିଆ ଖାବରା ହୋଇ ଆସିବେ। ଯଦି ପଢୁଥିବା ବେଳେ ଛାତ ଭୁଶୁଡ଼ି ପିଲାଙ୍କ କିଛି ଗୁରୁତର କ୍ଷତି ହୁଏ ତେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି। ବିଦ୍ୟାଳୟ ସମସ୍ୟା ନେଇ ଶନିବାର ସମସ୍ତ ଅଭିଭାବକ ବିଦ୍ୟାଳୟରେ ଏକାଠି ହୋଇ ଏକ ବୈଠକ କରିଥିଲେ। ଆମ ପିଲାଙ୍କୁ ମଧ୍ୟାହ୍ନଭୋଜନ ନ ମିଳୁ, ସରକାରଙ୍କ ଡ୍ରେସ ଓ ବହିପାତ୍ର ମଧ ନ ମିଳୁ ସେହି ଟଙ୍କାରେ ବିଦ୍ୟାଳୟର ଶ୍ରେଣୀଗୃହ ତିଆରି କରାଯାଉ ବୋଲି କହିଥିଲେ। ୩/୪ ବର୍ଷ ହେଲାଣି ବିଦ୍ୟାଳୟରେ ସମସ୍ୟା ଲାଗିରହିଛି। ଏମିତିରେ ପିଲାମାନେ କି ପାଠ ପଢିବେ ବୋଲି ସେମାନେ କହିଥିଲେ। ମସିଗାଁ ସରପଞ୍ଚଙ୍କୁ ଏ ବିଷୟରେ ଜଣାଇଲୁ, ସିଆର୍‌ସିସିଙ୍କ ମାଧ୍ୟମରେ କୁନ୍ଦୁରା ବିଇଓଙ୍କୁ ଲିଖିତ ରୂପେ ଦେଲୁ। କିଛି ନ ହେବାରୁ ଗତ ୫ ତାରିଖ ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ଅଭିଯୋଗ କରିଛୁ। ଜିଲାପାଳ କହିଲେ ୩ଦିନ ଭିତରେ ବିଡିଓ ବିଦ୍ୟାଳୟକୁ ଯିବେ ଆଉ ତୁରନ୍ତ ବ୍ୟବସ୍ଥା କରିବେ। ମାତ୍ର ୬ ଦିନ ହେଲାଣି ବିଡିଓଙ୍କ ଦେଖାନାହିଁ କି ବ୍ଲକ୍‌ର କେହି ମଧ ଆସିନାହାନ୍ତି। ଜିଲାପାଳଙ୍କ କଥାକୁ ଯଦି ଅଧିକାରୀ ନ ଶୁଣିବେ ତେବେ ଆମେ ଆଉ କାହାକୁ କିଛି ନ ଜଣାଇ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଆମେ ଅଭିଭାବକମାନେ ଧାରଣାରେ ବସିବୁ ବୋଲି ସେମାନେ କହିଥିଲେ । ଘଟଣାକୁ ନେଇ କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡିଙ୍କୁ ପଚାରିବାରୁ ସେ କହିଲେ, ଗତ ୫ ତାରିଖ ଦିନ ମିଳିତ ଅଭିଯୋଗ ଶୁଣାଣିରେ ଏହି ସ୍କୁଲ ସମସ୍ୟା ବିଷୟରେ ମୁଁ ଜାଣିବାକୁ

### ସମସ୍ୟାରେ ବରଗୁଡ଼ା ବିଦ୍ୟାଳୟ

ପାଇଲି। ଆଗରୁ ଶିକ୍ଷା ବିଭାଗ ପକ୍ଷରୁ ବିଇଓ କି ଡିଇଓ କାହାରି ମଧ୍ୟମରୁ ମୋ ପାଖକୁ କୌଣସି ସୂଚନା ଆସିନାହିଁ। ୩ ଦିନ ଭିତରେ ସେହି ସ୍କୁଲକୁ ଯିବାର ଥିଲା। ମାତ୍ର ଲଗାତର ମିଟିଂ ଆଉ ବ୍ଲକ୍ କାର୍ଯ୍ୟକ୍ରମ ସବୁ ରହିବାରୁ ଯାଇପାରିନାହିଁ। ଆସନ୍ତା ସୋମବାର ସୁଦ୍ଧା ମୁଁ ସେହି ବିଦ୍ୟାଳୟରେ ପହଞ୍ଚି ସମସ୍ୟା ଅନୁଧ୍ୟାନ କରି କିଛି ବ୍ୟବସ୍ଥା କରିବି ବୋଲି କହିଥିଲେ। ଏନେଇ ଏବିଇଓ ପାପେୟା ବେହେରାଙ୍କୁ ପଚାରିବାରୁ ମତାମତ ସେ କହିଲେ, ଗତ ୪ ବର୍ଷ ଭିତରେ ୪ରୁ ଅଧିକା ଥର ରିପୋର୍ଟ ପ୍ରସ୍ତୁତ କରି କୁନ୍ଦୁରା ବିଡିଓଙ୍କୁ ଦେଇଛୁ । ଏଇ କିଛିଦିନ ପୂର୍ବରୁ କୁନ୍ଦୁରା ବ୍ଲକ ସାରାର ବିଦ୍ୟାଳୟଗୁଡିକର ରିପୋର୍ଟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଯେଉଁଠି ଆବଶ୍ୟକ ରହିଛି ସେଇଠି କିଛି କରାଯାଉନାହିଁ। ଯେଉଁଠି ଆବଶ୍ୟକ ନାହିଁ ସେଇଠି ମନଇଚ୍ଛା କାମ କରାଯାଉଛି । ଯେବେଠାରୁ ଶିକ୍ଷା ବିଭାଗର କୋଠାବାଡ଼ି ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ବ୍ଲକକୁ ହସ୍ତାନ୍ତର ହେଲା ସେବେଠାରୁ ଏମିତି ଅନିୟମିତତା ହେଉଛି ବୋଲି ଏବିଇଓ ବେହେରା କହିଥିଲେ।

## ୩ ରେଳ ପ୍ରକଳ୍ପକୁ ୮୭୦୯ କୋଟି ମଞ୍ଜୁର

କୋରାପୁଟ,୧୦।୮(ଅମିତାଭ ବେହେରା)

ଅବିଭକ୍ତ କୋରାପୁଟ ଜିଲାର ୩ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁର ମିଳିଥିବା ଶନିବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଭିଡିଓ କନଫରେନ୍ସରେ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପଗୁଡିକ ହେଲା ଗୁଣୁପୁର-ଥେରୁବାଲି ନୂଆଲାଇନ, ଜୁନାଗଡ- ନବରଙ୍ଗପୁର ଏବଂ ମାଲକାନାଗିରି-ପାଣ୍ଡୁରଙ୍ଗପୁରମ (ଭାୟା ଭଦ୍ରାଞ୍ଚଳମ) ଅନ୍ତର୍ଭୁକ୍ତ ରହିଛି। ୭୪ କି.ମି. ବିଶିଷ୍ଟ ଗୁଣୁପୁର ଥେରୁବାଲି ନୂଆଲାଇନ ପାଇଁ ୧୩୨୬ କୋଟି, ୧୧୬ କି.ମି. ବିଶିଷ୍ଟ ଜୁନାଗଡ-ନବରଙ୍ଗପୁର ପ୍ରକଳ୍ପ ନିମନ୍ତେ ୩୨୭୪ କୋଟି ଏବଂ ୧୭୪ କି.ମି. ବିଶିଷ୍ଟ

### ଅବିଭକ୍ତ କୋରାପୁଟ ଜିଲା

ମାଲକାନାଗିରି-ପାଣ୍ଡୁରଙ୍ଗପୁରମ ପ୍ରକଳ୍ପ ଲାଗି ୪୧୦୯ କୋଟିକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହି ୩ଟି ପ୍ରକଳ୍ପ ସହ ଓଡିଶାରେ ୧୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏଥିପାଇଁ ବ୍ୟୟବରାଦ ହୋଇଛି ୧୫ ହଜାର ୪ କୋଟି ଟଙ୍କା ବୋଲି ବୈଷ୍ଣବ ସୂଚନା ଦେଇଛନ୍ତି। କୋରାପୁଟ ରେଳଷ୍ଟସନଠାରେ ଆୟୋଜିତ ଭିଡିଓ କନଫରେନ୍ସରେ ରେଳ ବିଭାଗର ଅଧିକାରୀମାନଙ୍କ ସହ ଗଣ ମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ୧୮ ଦୋକାନକୁ ଯିବାକୁ ରାସ୍ତା ନାହିଁ



ସୁନାବେଡ଼ା/ସେମିଳିଗୁଡ଼ା,୧୦।୮
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)

କିଛିଦିନ ହେବ ଉଭୟ ସହରାଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ସେମିଳିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଥିବା ରାସ୍ତା ଅବସ୍ଥା ବେହାଲ ହୋଇପଡିଛି। ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ରହିଛି ଶହୀଦ ଲକ୍ଷ୍ମଣ ନାୟକ ମାର୍କେଟ କମ୍ପ୍ଲେକ୍ସ। ପଞ୍ଚାୟତ ସମିତି ପକ୍ଷରୁ ନିର୍ମାଣ କରାଯାଇଥିବା ଏହି କମ୍ପ୍ଲେକ୍ସରେ ୧୮ଟି ଦୋକାନ ଗୃହ ରହିଛି। ଏହିସବୁ ଦୋକାନରୁ ମାସକୁ ପ୍ରାୟ ୫୦ ହଜାର ଟଙ୍କା ଭଡ଼ା ସୂତ୍ରରେ ଆଦାୟ ହେଉଛି। ଅଥଚ ଦୋକାନକୁ ଯିବାକୁ ରାସ୍ତା ନିର୍ମାଣ କରିବାରେ ପଞ୍ଚାୟତ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି ବୋଲି ବ୍ୟବସାୟୀମାନେ ଅଭିଯୋଗ କରୁଛନ୍ତି। ବର୍ଷା ଯୋଗୁ ସମ୍ମୁଖ ରାସ୍ତାରେ ପାଣି ଜମି ନର୍ଦ୍ଦମା ପାଲଟିଛି। ଏଥିଯୋଗୁ ଦୋକାନଗୁଡିକୁ ଯାତାୟାତ ବିଚ୍ଛିନ୍ନ ହେଉଛି। ଫଳରେ ଗ୍ରାହକମାନେ ଦୋକାନକୁ ଆସିବାକୁ ପସନ୍ଦ କରୁ ନ ଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଏହି ବାଟ ଦେଇ ପ୍ରତିଦିନ ବିଡିଓ ଓ ବ୍ଲକ୍ କର୍ମଚାରୀ ବ୍ଲକ୍ କଲୋନିକୁ ଯିବା ଆସିବା କରନ୍ତି। ଏଥିସହ ବ୍ଲକ୍ ଶିକ୍ଷା ଅଧିକାରୀ ଓ କର୍ମଚାରୀ ମଧ ନିଜ କାର୍ଯ୍ୟାଳୟକୁ ଯିବାଆସିବା କରନ୍ତି। ହେଲେ ଏଥିପ୍ରତି କାହାର ନଜର ନାହିଁ। ଏ ସମ୍ପର୍କରେ ବ୍ଲକ୍ ଅଧକ୍ଷା ଲିଲି ଅଣ୍ଟାବିରିଆଙ୍କୁ ପଚାରିବାରୁ ସେ କହିଲେ, ଜିଲା ଖଣିଜ ପାଣ୍ଠିରୁ ୫ଲକ୍ଷ ଟଙ୍କା ଆସିଛି। ବର୍ଷା କମିଲେ କାମ ଆରମ୍ଭ ହେବ। ସେମିଳିଗୁଡ଼ା ବିଡିଓ ଜସ୍ମିନ ପ୍ରଧାନଙ୍କୁ ପଚାରିବାରୁ ସେ ମଧ ସମାନ ମତ ଦେଇଥିଲେ।

## ସଂକ୍ଷେପରେ

### ବିଜ୍ଞାନ ଇଣ୍ଟରନ୍ୟାଶନାଲ କଲେଜରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

କୋରାପୁଟ,୧୦।୮( ଅମିତାଭ ବେହେରା)

କୋରାପୁଟସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ଜୁନିୟର କଲେଜ ପକ୍ଷରୁ ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସ୍ୱାଗତ ସଭା କରାଯାଇଛି। କଲେଜ ସମ୍ପାଦକ ଇଂ. ସୁବ୍ରତ କୁମାର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ କଲେଜ ଅଧକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର, ଟ୍ରଷ୍ଟି ସଦସ୍ୟ ଭୂମିକା ପାଣିଗ୍ରାହୀ ଓ କଲେଜର ସମସ୍ତ ଅଧାପିକା ଅଧାପକ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ସଭାରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଅଧାପକ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ନିଜ ଭବିଷ୍ୟତ ଉନ୍ନତକରି ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଅଭିଭାବକମାନେ କିପରି ଏ ଦିଗରେ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିବେ ସେ ନେଇ ବିଭିନ୍ନ ଉଦାହରଣ ମାଧମରେ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବାଇକ୍ ଦୁର୍ଘଟଣା ପରେ ବନ୍ଧୁକ ଦେଖାଇ ଧମକ

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜୟପୁର ଦୈନିକ ବଜାର ନିକଟରେ ଶନିବାର ଅପରାହ୍ନରେ ଦୁଇଟି ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହାକୁ ନେଇ ଉଭୟ ବାଇକ୍ ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏକ ବାଇକ୍‌ର ଚାଳକ ବନ୍ଧୁକ ଦେଖାଇ ଅନ୍ୟ ବାଇକ୍ ଚାଳକଙ୍କୁ ଧମକ ଚମକ ଦେଇଥିଲେ। ଫଳରେ ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରଥିବା ଥାନା ଅଧିକାରୀ ରମଣି ରମଣି ରଞ୍ଜନ ଦଳେଇ କହିଛନ୍ତି।

## ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ରହିଛି ଚାହିଦା



ମଣ୍ଡଳ କାରାଗାର ଅନ୍ତେବାସୀ ଅରଟରେ ସୂତା କାଟି ବସ୍ତ୍ର ବୁଣୁଛନ୍ତି।

କୋରାପୁଟ,୧୦।୮(ଅମିତାଭ ବେହେରା)

- ଅରଟରେ ସୂତା କାଟି ପାରମ୍ପରିକ ତନ୍ତରେ ବସ୍ତ୍ର ବୁଣନ୍ତି
- ଧୋତି, ଶାଢ଼ି, ଶାର୍ଟ, ରୁମାଲ ଓ ଦରି ଆଦି ବୁଣିଥାନ୍ତି
- ବିକ୍ରି ପାଇଁ କାରାଗାରରେ ରହିଛି ସ୍ୱତନ୍ତ୍ର କେନ୍ଦ୍ର

ଭାରତର ବିଭିନ୍ନ ସ୍ଥାନ ହସ୍ତତନ୍ତ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ କୋରାପୁଟସ୍ଥିତ ମଣ୍ଡଳ କାରାଗାରରେ ଅରଟରେ ସୂତା କାଟି ତନ୍ତରେ ବିଭିନ୍ନ ବସ୍ତ୍ର ବୁଣୁଥିବା ଅନ୍ତେବାସୀ ବୁଣାକାର ମଧ ପଛରେ ପଡିନାହାନ୍ତି। କୋରାପୁଟ ସ୍ଥିତ ମଣ୍ଡଳ କାରାଗାରରେ ଉତ୍ପାଦିତ ହେଉଥିବା ହସ୍ତତନ୍ତ ବସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ଓଡ଼ିଶାର ବିଭିନ୍ନ ବଜାରରେ ସୁନାମ ଅର୍ଜନ କରିଛି। କାରାଗାର ସାଜିଛି ଅନ୍ତେବାସୀଙ୍କ ପାଇଁ ଏକ ତାଲିମ କେନ୍ଦ୍ର। କାରାଗାରର ୩୦/୩୫ ଜଣ ଅନ୍ତେବାସୀ ଅରଟରେ ସୂତା କାଟି ପାରମ୍ପରିକ ତନ୍ତରେ ବସ୍ତ୍ର ବୁଣୁଛନ୍ତି। ସମ୍ବଲପୁରୀ ଓ ଅନ୍ୟାନ୍ୟ ଡିଜାଇନର ଶାର୍ଟ, ରୁମାଲ, ଧୋତି, ଶାଢ଼ି, ବିଭିନ୍ନ ଆକାରର ଦରି ପ୍ରଭୃତି ବୁଣାଯାଉଛି। ଏହାର ଚାହିଦା ସର୍ବତ୍ର ରହିଛି। ଏନେଇ ଅନ୍ତେବାସୀ ବୁଣାକାର ଗଙ୍ଗାଧର ମାଡକାମୀ କୁହନ୍ତି, କାରାଗାରକୁ ଆସିବା ପୂର୍ବରୁ ସୂତା କାଟିବା ଓ ତନ୍ତରେ ସୂତା ବସାଇ ବସ୍ତ୍ର ବୁଣିବା ଜାଣି ନ ଥିଲି। କାରାଗାରରେ କାମ କରିବା ସମୟରେ ତାଲିମ ପାଇଛି। କାରାଗାର ମଧ୍ୟରେ ହସ୍ତତନ୍ତ ବସ୍ତ୍ର ବୁଣିବାର ତାଲିମ ନେଇ ଏହି ୩୦-୩୫ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଦକ୍ଷତା ହାସଲ କରିଥିବା ବେଳେ କାରାଗାରରୁ ମୁକ୍ତ ହେବା ପରେ ସରକାରୀ ସହଯୋଗ ମିଳିଲେ ଜୀବନ ଜୀବିକା କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ସେ କହିଛନ୍ତି। ସେହିପରି ଅନ୍ତେବାସୀ ବୁଣାକାର ସୁଖରାମ ପାଙ୍ଗୀ କୁହନ୍ତି, ଆମେ ଗରିବ ଲୋକ। କାରାଗାରରୁ ମୁକୁଳିଲା ପରେ ତନ୍ତ ବସାଇ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରନ୍ତୁ। ସେତେବେଳେ ସରକାର ଆମକୁ ସାହାଯ୍ୟ କଲେ ଭଲ ହୋଇଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥବା ହସ୍ତତନ୍ତ ବସ୍ତ୍ରଠାରୁ ଆରମ୍ଭକରି ବିଭିନ୍ନ ଆକାର ଦରିକୁ ମଣ୍ଡଳ କାରାଗାରର ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ରରୁ ସ୍ଥାନୀୟ ଲୋକେ କିଣିନିଅନ୍ତି। ଏ ସଂକ୍ରାନ୍ତରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ କୁଆଁର ମାର୍ଣ୍ଣିଙ୍କୁ ପଚାରିବାରୁ ସେ କହିଲେ, ତନ୍ତରେ ବସ୍ତ୍ର ବୁଣିବା ପ୍ରତି ଅନ୍ତେବାସୀମାନଙ୍କ ଆଗ୍ରହ ରହିଛି। ଗତ ଆର୍ଥିକ ବର୍ଷରେ କାରାଗାର ହସ୍ତତନ୍ତ ଉତ୍ପାଦ ତଥା ଅନ୍ୟାନ୍ୟ ଜିନିଷ ବିକ୍ରିରୁ ୧୫ ଲକ୍ଷ ଟଙ୍କାରୁ ଅଧିକ ଆୟ ହୋଇଛି। କାରାଗାରରେ ହସ୍ତତନ୍ତ ବିଭାଗ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଜେଲର ଦୀପକ ମହାରଣାଙ୍କୁ ପଚାରିବାରୁ ସେ କହନ୍ତି, ହସ୍ତତନ୍ତରେ ବସ୍ତ୍ର ବୁଣିବା ପାଇଁ ଅନ୍ତେବାସୀ ବୁଣାକାରଙ୍କ ମଧ୍ୟରେ ଆଗ୍ରହ ରହିଛି। ସରକାରଙ୍କ ସହଯୋଗ ମିଳିଲେ କାରାଗାରରୁ ମୁକୁଳିବା ପରେ ସେମାନେ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବେ। ବୋଲି ସେ କହିଥିଲେ।

### ଜାତୀୟ କୃମିନାଶ ଦିବସ ୬ ଲକ୍ଷ ୨୦ ହଜାର ଖାଇବେ କୃମିନାଶକ ଔଷଧ

କୋରାପୁଟ,୧୦।୮(ଅମିତାଭ ବେହେରା)

କୋରାପୁଟ ଜିଲାରେ ୬ ଲକ୍ଷ ୨୦ ହଜାର ଖାଇବେ କୃମିନାଶକ ଔଷଧ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଚିକିତ୍ସା ଅଧିକାରୀ ଡା. ନୀଳମାଧବ ଶତପଥୀ ଏହା କହିଛନ୍ତି। କୋରାପୁଟ ଜିଲାକୁ କୃମିମୁକ୍ତ କରିବା ପାଇଁ ଜାତୀୟ କୃମିନାଶ ଦିବସରେ ଜିଲାର ୫ ଲକ୍ଷ ୫୯ ହଜାର ୬୦୭ ଜଣ ୧ ବର୍ଷରୁ ୧୯ ବର୍ଷ ବୟସର ବାଳକ ଓ ବାଳିକା ଏବଂ ୫୮ ହଜାର ୫୯୨ ଜଣ ୨୦ରୁ ୨୪ ବର୍ଷର ଯୁବତୀମାନଙ୍କୁ ଏହି ଔଷଧ ପ୍ରଦାନ କରାଯିବ। ଏଥିପାଇଁ ୨୬ ହଜାର ୨୬ ଜଣ ଆଶାକର୍ମୀ ଓ ୩୨ ଶହ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଏକ କୃମିନାଶନ ଦୂର ସମ୍ପର୍କିତ ଏକ ପୋଷ୍ଟର ଉନ୍ମୋଚନ ହୋଇଥିଲା। ଏହି ଔଷଧ ପ୍ରଦାନ ଦ୍ୱାରା ଶିଶୁମାନଙ୍କ ରକ୍ତହୀନତା, ଆନେମିଆ, ମାନ୍ଦାପଣ ଏବଂ ଅଧ୍ୟୟନ ପ୍ରତି ମନ ଲାଗୁ ନ ଥିବା ଆଦି ସମସ୍ୟା ଦୂରହେବ। ଖବରଦାତା ସମ୍ମିଳନୀରେ ଡିପିଏମ୍ ଶୁଭ୍ରାକାନ୍ତ ଗନ୍ତାୟତ, ଆଇଡିଏସ୍ ମ୍ୟାନେଜର ବିଭୁରଞ୍ଜନ ମୁଣ୍ଡ ଓ ରୋଜାଲିନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଶନିବାର ଅବକାରୀ ବିଭାଗ ଓ ସଦର ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ଟିମକୁ ଦେଖି ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। କେବଳ ବହୁ ମଦ ଭାଟି ଭାଙ୍ଗି ମଦ ଓ ପୋଚ ନଷ୍ଟ କରି କର୍ମଚାରୀମାନେ ଫେରିଥିଲେ।

## ଅଭିଭାବକମାନେ କିଛି ସମୟ ପିଲାଙ୍କୁ ଦିଅନ୍ତୁ

ଜୟପୁର,୧୦।୮(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷତ କାମନାକରି ସମସ୍ତେ ଭଲ ସଫଳତା ପାଇବାକୁ ପ୍ରୟାସ କରନ୍ତୁ ବୋଲି କହିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ କିପରି ଅନୁଶାସନରେ ରଖାଯିବ ସେ ନେଇ ମତ ରଖିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ନାୟକ ପିଲାମାନଙ୍କ ଗୃହକାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିତା ନାହାକ ଅଭିଭାବକମାନେ କିଛି ସମୟ ପିଲାଙ୍କୁ ଦିଅନ୍ତୁ ବୋଲି କହିଥିଲେ। ଶିକ୍ଷୟିତ୍ରୀ ବନିତା ଶତପଥୀ,ସୁଚରିତା

### ଶିକ୍ଷକ-ଅଭିଭାବକ ବୈଠକ

ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ କିପରି ଠିକ୍ ମାର୍ଗଦର୍ଶନ ମିଳିବ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅଭିଭାବକମାନେ ମଧ ନିଜ ମତ ରଖିଥିଲେ। ପ୍ରଧାନ ଶିକ୍ଷକ ସ୍ମାର୍ଟ କ୍ଲାସ୍ ରୁମ୍, ସ୍ମାର୍ଟ ବୋର୍ଡ, ଛାତ୍ରୀମାନଙ୍କ ସ୍ୱଚ୍ଛ ଟଏଲେଟ୍ ବ୍ୟବହାର ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗାପ୍ରସାଦ ପାତ୍ର, ଅରୁନ୍ଧତୀ ତ୍ରିପାଠୀ, ଶୁଭସ୍ମିତା ସାହୁ, କେ. ପ୍ରମିଳା, ସସ୍ମିତା ଜେନା, ସୋମନାଥ ସାକିଆ, ଦେବେନ୍ଦ୍ର ପାଢ଼ୀ, ସନ୍ତୋଷିନୀ ପଣ୍ଡା, ସାଗରିକା ପାତ୍ର ସହଯୋଗ କରିଥିଲେ। ଶିକ୍ଷକ ଭଗବାନ ସାବତ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ନିରାପତ୍ତା, ସାଇବର ସଚେତନତା ଉପରେ ଗୁରୁତ୍ୱ

କୋରାପୁଟ,୧୦।୮(ଅମିତାଭ ବେହେରା)

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,ଭୁବନେଶ୍ୱର ପରାମର୍ଶକ୍ରମେ ଶନିବାର କୋରାପୁଟ ଜିଲାର ୨୫୦୩ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ଅନ୍‌ଲାଇନ ସୁରକ୍ଷା ଓ ସାଇବର ସଚେତନତା, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୨୪, ବିଦ୍ୟାଳୟରେ ୟୁଥ୍ ଏବଂ ଇକୋ କ୍ଲବ ଗଠନ, ବେଟି ବଚାଓ, ବେଟି ପଢ଼ାଓ, କିଶୋରୀ ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ

### କୋରାପୁଟ ଜିଲାରେ ଦ୍ୱିତୀୟ ଅଭିଭାବକ-ଶିକ୍ଷକ ବୈଠକ

ମେଶିନ ବ୍ୟବସ୍ଥା, ଅଭିଭାବକମାନଙ୍କଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଛାତ୍ରୀଛାତ୍ର ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମଲେଖାଇବା ଓ ନିୟମିତ ଭାବରେ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ନିୟମିତ ବିଦ୍ୟାଳୟ ଆସୁ ନ ଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଅଭିଭାବକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଯଥା ଛାତ୍ରବୃତ୍ତି, ସାଇକେଲ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ଅନୁସୂଚିତ ଜାତି ଏବଂ ଜନଜାତି ସଂଯୋଜକଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ସମସ୍ତ ସ୍କୁଲରେ ସମ୍ପାଦିତ ହୋଇଛି। କୋରାପୁଟ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ,ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା,ଅନ୍‌ଲାଇନ ସୁରକ୍ଷା ଉପରେ ମଧ ଆଲୋଚନା କରାଯାଇଥିଲା। କୋରାପୁଟ ବ୍ଲକ୍‌ର ବରିଷ୍ଠ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଛପର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୈଠକରେ ଯୋଗଦେଇଥିଲେ। ଏବିଇଓ ଶିବପ୍ରସାଦ ରଥ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର, ତ୍ରିଲୋକେଶ ପଣ୍ଡା ଓ ହର ମିଶ୍ର ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁଟିଲାସାହି ପ୍ରାଥମିକ ବିଦ୍ୟାଳୟ,ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିଲେ।



## ସ୍ୱରୋଜଗାରଯୁକ୍ତ ସ୍ୱଦେଶୀ ଅର୍ଥନୀତି ଆମକୁ ସମୃଦ୍ଧ କରିବ

### ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରଶିକ୍ଷଣ, ବିଚାରବର୍ଗ ଉଦ୍‌ଘାଟିତ

କୋରାପୁଟ, ୧୦।୮(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପ୍ରଦେଶର ତିନିଦିନିଆ ପ୍ରଶିକ୍ଷଣ ତଥା ବିଚାରବର୍ଗ କୋରାପୁଟରେ ଉଦ୍‌ଘାଟିତ ହୋଇଛି। ନିଜ ଅଞ୍ଚଳରେ ଉତ୍ପାଦିତ ବସ୍ତୁ ବ୍ୟବହାର କଲେ ଆମର ଆର୍ଥିକ ବିକାଶ ହୋଇପାରିବ। ଦୈନନ୍ଦିନ ଜୀବନରେ ସ୍ୱଦେଶୀର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ମଞ୍ଚର ଅଖିଳ ଭାରତୀୟ ସଙ୍ଗଠକ କାଶ୍ମୀରି ଲାଲ କହିଥିଲେ। ଭାରତୀୟ ସଂସ୍କୃତି, ଗ୍ରାମ ଆଧାରିତ ଅର୍ଥନୀତି, ସ୍ୱରୋଜଗାର ଯୁକ୍ତ ସ୍ୱଦେଶୀ ଅର୍ଥନୀତି ଦ୍ୱାରା ଆମେ ସମୃଦ୍ଧ ହୋଇପାରିବା ବୋଲି ସେ ମତ ରଖିଥିଲେ। ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱଦେଶୀ ଏବଂ ସ୍ୱାବଲମ୍ବନ ଦ୍ୱାରା ଭାରତ ଆତ୍ମନିର୍ଭର ହୋଇପାରିବ ବୋଲି କହିଥିଲେ। ଦେଶର ଆର୍ଥିକ ନୀତି, କୃଷି, ପେଟେଣ୍ଟ ଆଇନ, ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ, କୁଟୀର ଶିଳ୍ପର ବିକାଶ, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ, କୋରାପୁଟର ଦାଦନ ସମସ୍ୟା ଭଳି ବିଭିନ୍ନ ବିଷୟରେ ଆଲୋଚନା ସହ ସ୍ୱଦେଶୀ ଏବଂ ସ୍ୱାବଲମ୍ବୀ ବିଷୟକୁ ନେଇ ବିଚାର ବିମର୍ଷ ଆଗାମୀ ତିନିଦିନ ଧରି ଚାଲିବ ବୋଲି ମଞ୍ଚର ପଶ୍ଚିମପ୍ରାନ୍ତ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ କହିଛନ୍ତି। ମଞ୍ଚର ପୂର୍ବକ୍ଷେତ୍ର ସଂଯୋଜକ ଆଶୁତୋଷ ମୁଖାର୍ଜୀ ପ୍ରସ୍ତବନା ରଖିଥିବା ବେଳେ, ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ, ସ୍ୱାବଲମ୍ବୀ ଭାରତ ଅଭିଯାନର ପୂର୍ବ କ୍ଷେତ୍ର ସମନ୍ୱୟକାରୀ ତଥା ଭାଜପା ଓଡିଶା ପ୍ରଦେଶର ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ମଞ୍ଚର ପୂର୍ବ ପ୍ରାନ୍ତ ସଂଯୋଜକ ନିର୍ମଳ ଷଡଙ୍ଗୀ, ପଶ୍ଚିମ ପ୍ରାନ୍ତ ସଂଯୋଜକ ରମାକାନ୍ତ ପାତ୍ର, ବର୍ଗ ପ୍ରମୁଖ ସୁଭାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ୨୬ ଜିଲାରୁ ୧୬୦ ଜଣ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ବର୍ଗରେ ସାମିଲ ହୋଇଛନ୍ତି। ଏହି ଅବସରରେ ପ୍ରସିଦ୍ଧ ଅର୍ଥଶାସ୍ତ୍ରୀ ଏବଂ ୟୁଜିସି ସଦସ୍ୟ ପ୍ରଫେସର ରାଜକୁମାର ମିତ୍ତଲଙ୍କ ଲିଖିତ ପୁସ୍ତକ 'ଜୈବିକ ଉଦ୍ୟମିତା- ୩୭ କୋଟି ଷ୍ଟାର୍ଟ ଅପ୍‌ର ଦେଶ ଭାରତ'ର ଉନ୍ମୋଚନ ହୋଇଥିଲା। ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର, କୋରାପୁଟ ବିଭାଗ ସଂଯୋଜକ ମୁରଲୀଧର ଅଧିକାରୀ, ନଗର ସଂଯୋଜକ ଉମାଶଙ୍କର ଦାସ, ମୃତ୍ୟୁଞ୍ଜୟ ଶତପଥୀ, ସୌମେନ୍ଦ୍ର ସ୍ୱାଇଁ, ତନ୍ମୟ ପ୍ରଧାନ, କେଶବ ପଟ୍ଟନାୟକ, ସାଗରିକା ପାଢ଼ୀ, ବିଷ୍ଣୁପ୍ରିୟା ସାହୁ, ଅଞ୍ଜନିତା ଅଧିକାରୀ, ସ୍ୱର୍ଣ୍ଣମୟୀ ସାମଲ, ସସ୍ମିତା ମିଶ୍ର, କବିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚର ନଗର ମହିଳା ପ୍ରମୁଖ ଶାରଦା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

କୋରୁକୋଣ୍ଡା,୧୦।୮(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ପୋଟ୍ରେଲ ଛକ ନିକଟ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତା କଡରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ମୃତକ ହେଉଛନ୍ତି ପୋଟ୍ରେଲ ଗ୍ରାମର ରାହୁଲ ପାଙ୍ଗି(୨୫)।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ରାହୁଲ କୌଣସି କାମରେ ବାହାରକୁ ଯାଇ ରାତିରେ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ପୋଟ୍ରେଲ ଛକ ନିକଟ ରାସ୍ତା କଡ ବୁଦାମୂଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିବା ସହିତ ବାଇକ୍(ନଂ-ଓଡି୩୦ଏଫ୬୮୪୫) ମୃତଦେହ ପାଖରେ ପଡିଥିଲା। ଏନେଇ ପରିବାର ଲୋକେ କୋରୁକୋଣ୍ଡା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଥାନା ଅଧିକାରୀ ହିମାଂଶୁ ଶେଖର ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ମୃତଦେହ ଜବତକରି ବ୍ୟବଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପରିବାରର ଲୋକଙ୍କ କହିବା ଅନୁଯାୟୀ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ସେଠାରୁ ପଳାଇ ଯାଇଥିବା ନେଇ ଥାନାରେ ଅଭିଯୋଗ ଅଭିଯୋଗ କରିଛନ୍ତି। ନଂ.୧୧୩/୨୪ରେ ମାମଲା ରୁଜୁ କରିଛି। କେଉଁ କାରଣରୁ ଯୁବକଙ୍କର ମତ୍ୟୁ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ ।

# ପାହାଡ଼ରୁ ପଥର ଖସି ଯାତାୟାତ ବାଧାପ୍ରାପ୍ତ


ପାହାଡରୁ ଖସିଥିବା ପଥର ।

ମାଲକାନଗିରି,୧୦।୮(ଦୁର୍ଯ୍ୟୋଧନ ପାତ୍ର)

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ ପଞ୍ଚାୟତ ମାରିୱାଡାଠାରୁ ଯନ୍ତ୍ରୀ ପଞ୍ଚାୟତରେ ଥିବା ପାହାଡରୁ ପଥର ଖସିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପଥର ଖଣ୍ଡ ଖସି ରାସ୍ତାରେ ପଡ଼ିଛି, ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ୧୩ ଗ୍ରାମର ଶତାଧିକ ଲୋକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। କିଛି ଦିନ ହେବ ମାଲକାନଗିରି ଜିଲାରେ ଲାଗି ରହିଥିବା ବର୍ଷା ଯୋଗୁ ପାହାଡରୁ ବଡ ବଡ଼ ପଥର ଖଣ୍ଡ ଖସି ରାସ୍ତାରେ ପଡିରହିଛି। ଯନ୍ତ୍ରୀ ପଞ୍ଚାୟତର ୧୩ ଗ୍ରାମ ଲୋକେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପୂର୍ବରୁ ଯନ୍ତ୍ରୀ ପଞ୍ଚାୟତକୁ ଯିବାକୁ ହେଲେ ଚିତ୍ରକୋଣ୍ଡା ଘାଟଠାରୁ ଲଞ୍ଚ ଯୋଗେ ୮ ଘଣ୍ଟା ଯାତ୍ରା କରିବାକୁ ପଡିଥାଏ। ନଚେତ ସନ୍ୟାସୀଗୁଡା ଓ ଭାଜାଗୁଡା ଦେଇ ଯନ୍ତ୍ରୀ ପଞ୍ଚାୟତକୁ ଯିବାକୁ ପଡିଥାଏ। କିନ୍ତୁ ପ୍ରତିବର୍ଷ ବର୍ଷା ଦିନେ ବାଲିମେଳା ଜଳଭଣ୍ଡାରର ଜଳସ୍ତର ବଢିବା ଯୋଗୁ ଏହି ରାସ୍ତା ମଧ ସମ୍ପୂର୍ଣ୍ଣ ପାଣିରେ ବୁଡ଼ିଯାଇଛି। ଏହି ସବୁ ଅସୁବିଧା ଯୋଗୁ ସ୍ଥାନୀୟ ଲୋକଙ୍କ ଦୀର୍ଘ ଦିନର ଦାବିପରେ ମାରିୱାଡାଠାରୁ ଯନ୍ତ୍ରୀ ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ଗତ କିଛିଦିନ ହେଲା ଜିଲାରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ପାହାଡରୁ ପଥର ଖଣ୍ଡ ଖସି ଶୁକ୍ରବାରଠାରୁ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଆବଶ୍ୟକସ୍ଥଳେ ମେଡିକାଲ ବି ଯାଇ ପାରୁ ନାହାନ୍ତି। ତେଣୁ ତୁରନ୍ତ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣକରି ରାସ୍ତାରୁ ପଥର ହଟାଇବାକୁ ଯନ୍ତ୍ରୀ ପଞ୍ଚାୟତବାସୀ ଦାବି କରିଛନ୍ତି।

# ପିଏ ଆଇଟିଡିଏଙ୍କ ବଦଳି ବାତିଲକୁ ନେଇ ଚର୍ଚ୍ଚା

ମାଲକାନଗିରି,୧୦।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପିଏ ଆଇଟିଡିଏଙ୍କ ବଦଳି ଓ କେତେ ଘଣ୍ଟା ପରେ ଏହାର ବାତିଲକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପତ୍ର ସଂଖ୍ୟା ୧୬୩୭୫ରେ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଜୟଶ୍ରୀଙ୍କ ବଦଳି ପାଇଁ ନିର୍ଦ୍ଦେଶ ହୋଇଥିଲା। ତେବେ ଏହି ବଦଳି ଆଦେଶ ଆସିଥିବା ବେଳେ ଏହାର କେଇ ଘଣ୍ଟା ମଧ୍ୟରେ ପତ୍ର ସଂଖ୍ୟା ୧୬୪୮୨ରେ ବାତିଲ ପାଇଁ ପୁଣି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଲା। ପତ୍ର ସଂଖ୍ୟା ୧୬୩୭୫ରେ ଜୟଶ୍ରୀଙ୍କୁ ଉତ୍ତରାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ଏହାପରେ ଜିଲାପାଳ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ ପାଇଁ ଯାଇଥିବା ନେଇ ମଧ ସୂଚନା ମିଳିଥିଲା। ତେବେ ଏହି ଆଦେଶ ଆସିବାର ମାତ୍ର ୩ରୁ ୪ ଘଣ୍ଟା ମଧ୍ୟରେ ବାତିଲ ପାଇଁ ନିର୍ଦ୍ଦେଶ ଆସିବା ପରେ ଚର୍ଚ୍ଚା ଜୋର ଧରିଛି । ତେବେ ଏହି ଘଟଣା ତାଙ୍କ କ୍ଷେତ୍ରରେ ପ୍ରଥମ ଥର ନୁହେଁ ବରଂ ପୂର୍ବରୁ ମଧ ଏହିପରି ବଦଳି ହୋଇ ବାତିଲ ହୋଇଥିବା ନେଇ ସୂଚନା ମିଳିଛି । ତେବେ ଗତ କିଛି ଦିନ ପୂର୍ବେ ଜୟଶ୍ରୀଙ୍କ ନାମରେ ସେହି ସଂସ୍ଥାର ଜଣେ ପୂର୍ବତନ କନିଷ୍ଠ ଯନ୍ତ୍ରୀ ବିଭିନ୍ନ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କ ଜୁଲାଇ ୧ ରେ ହୋଇଥିବା ଅଭିଯୋଗ ପ୍ରକୋଷ୍ଠରେ ଫେରାଦ ହୋଇଥିଲେ। ଏହାସହ ସେ ଆହୁରି ମଧ ଅଭିଯୋଗ ଆଣିଥିଲେ ଯେ ପ୍ରକଳ୍ପ ପ୍ରଶାସିକା ତାଙ୍କଠାରୁ ଅନେକ ବିଲ ପାସ୍ ପାଇଁ ଟଙ୍କା ନେଇଥିଲେ। ତେବେ ସେହି ସମୟରେ ଜୟଶ୍ରୀ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଅବହେଳା କରିଥିଲେ। ତାଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବାରୁ ସେ ଏହିପରି ମିଥ୍ୟା ଅଭିଯୋଗ ଆଣିଥିବା କହିଥିଲେ ।

ଏନେଇ ଜୟଶ୍ରୀଙ୍କୁ ପଚାରିବାରୁ ଏହି ବଦଳି ଭୁଲ୍‌ବଶତଃ ହୋଇଥିଲା। ଯେଉଁ ସ୍ଥାନକୁ ମୋର ବଦଳି ପାଇଁ ନିର୍ଦ୍ଦେଶ ଆସିଥିଲା ସେହି ସ୍ଥାନରେ ଜଣେ ଅଧିକାରୀ ପୂର୍ବରୁ ଥିଲେ। ତେଣୁ ଏହି ବଦଳି ବାତିଲ ହୋଇଥିବା ସେ କହିଛନ୍ତି। ଏନେଇ ମାଲକାନଗିରି ଜିଲାପାଳ ସଚିନ ପାୱାରଙ୍କୁ ପଚାରିବାରୁ ଏହି ବଦଳିରେ ଜିଲା ପ୍ରଶାସନର କୌଣସି ଭୂମିକା ନ ଥିବା ବେଳେ ଏହା ସରକାରଙ୍କ ସମ୍ପୃକ୍ତ ବିଭାଗ ପକ୍ଷରୁ ହୋଇଥିଲା। ଏନେଇ ମୋ ନିକଟରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା

ପଦ୍ମପୁର, ୧୦।୮(ପ୍ରଶାନ୍ତ କୁମାର କର)

ପଦ୍ମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ରଥଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍କୁଲର କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁମୁରୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ଲଛମନଗୁଡା ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୋହନ ମିଶାଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦ୍ରସେନ ଲିମା, ସିଆର୍‌ସିସି ରାଧାକୃଷ୍ଣ ପଣ୍ଡା, ମୋହନ ରାଓ ମାଲା ଏବଂ ପଦ୍ମପୁର ବ୍ଲକ୍‌ର ୨ଜଣ ଭାଷାବିତ୍ ଓ ଶିକ୍ଷାବିତ୍ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସେନାପତି, ଶତ୍ରୁଘ୍ନ ପାତ୍ର, ଗୋପେଶ୍ୱରୀ ମହାରଣା, ପି. ବିଶ୍ୱନାଥ, ଅଜିତ ଚୌଧୁରୀଙ୍କ ସହଯୋଗରେ କୁଇଜ୍‌ରେ ୧ମ, ୨ୟ,୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ଅପରାହ୍ନରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି, ପଦ୍ମପୁର ବ୍ଲକ୍ ଅଧକ୍ଷା ମଣିମାଳା ଶବର ଓ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଭି. ଚକ୍ରଧର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ଆର୍ଥିକ ରାଶିର ଚେକ୍ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ରଥ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ୧୫୨ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ସାନ୍ତ୍ୱନାମୂଳକ ଭାବେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶାନ୍ତନୁ ଦାଶ, ଶିବ ପଣ୍ଡା, ପୁରୁଷୋତ୍ତମ ଲାବଲା, ନୀଳମାଧବ ପାଣିଗ୍ରାହୀଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବିଧାୟକ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଗଣଶିକ୍ଷା ସଚିବଙ୍କ ୨ ଦିନିଆ ମାଲକାନଗିରି ଗସ୍ତ


ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍. ମାଲକାନଗିରିର ଏକ ସ୍କୁଲରେ ପିଲାଙ୍କ ସମସ୍ୟା ସମ୍ପର୍କରେ ବୁଝୁଛନ୍ତି ।

ମାଲକାନଗିରି,୧୦।୮(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍. ମାଲକାନଗିରି ଜିଲାକୁ ୨ ଦିନିଆ ଗସ୍ତକରି ବିଭିନ୍ନ ସମୀକ୍ଷା କରିଛନ୍ତି। ପ୍ରଥମ ଦିନ ଜିଲା ପରିଷଦ ସଭାଗୃହରେ ଜିଲାସ୍ତରୀୟ ଶିକ୍ଷା ବିଭାଗର ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ଶିକ୍ଷାଧିକାରୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ ଅଧକ୍ଷ, ଓ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ, ସମଗ୍ର ଶିକ୍ଷା ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଉକ୍ତ ବୈଠକରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ସମଗ୍ର ଶିକ୍ଷାର ବିଭିନ୍ନ ଯୋଜନା ଉପରେ ସମୀକ୍ଷା କରିଥିଲେ । ଗସ୍ତର ଦ୍ୱିତୀୟ ଦିନରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଚାଲାଣଗୁଡା, ଓଡିଶା ଆଦର୍ଶ ବିଦ୍ୟାଳୟ, ଗନ୍ଧିପାଲ୍ଲୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ, ଚିତ୍ରକୋଣ୍ଡା ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଟେମ୍ପୋରାରି କଲୋନି, ଚିତ୍ରକୋଣ୍ଡାକୁ ବୁଲି ଦେଖିବା ସହିତ ବିଦ୍ୟାଳୟରେ ଥିବା ମୌଳିକ ଅସୁବିଧା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ଓ ବିଭିନ୍ନ ସମସ୍ୟା ବିଃୟରେ ବୁଝିଥିଲେ ।

# 'ବରପୁତ୍ରଙ୍କୁ ଶ୍ରଦ୍ଧା, ସମ୍ମାନ ଦେବା ଆମ କର୍ତ୍ତବ୍ୟ'

ନବରଙ୍ଗପୁର,୧୦।୮
(ସଦାଶିବ ପ୍ରହରାଜ)

**ନବରଙ୍ଗପୁର କଲେଜ, ମହିଳା ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସଭା**

ନବରଙ୍ଗପୁର ମହାବିଦ୍ୟାଳୟରେ ଅଗଷ୍ଟ କ୍ରାନ୍ତି ଦିବସ, ବିଶ୍ୱ ଆଦିବାସୀ ଦିବସ, ଜନ୍ମ ତାରିଖ ଅନୁସାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଦିବସ ଓ ଶହୀଦ ପିଣ୍ଡିକ୍ ବାହୁବଳେନ୍ଦ୍ରଙ୍କ ୨୦୩ତମ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସଭା ସ୍ମାର୍ଟ ଶ୍ରେଣୀଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକମାନେ ବରପୁତ୍ରମାନଙ୍କ ଫଟୋରେ ଫୁଲମାଳ ଦେଇ ନୀରବ ପ୍ରାର୍ଥନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡି. ଗୋବିନ୍ଦା ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ନନ୍ଦିତା ମିଶ୍ର, ଇତିହାସ ବିଭାଗ ମୁଖ୍ୟ ସଙ୍ଗୀତା ତ୍ରିପାଠୀ, ଓଡ଼ିଆ ବିଭାଗର ଅଧାପକ ବ୍ରିଜଲାଲ୍ ଗଣ୍ଡ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗ ଅଧାପକ ପ୍ରିୟବ୍ରତ ସାହୁ ପରିଚାଳନା କରିଥିଲେ। ଅଧାପିକା ଶ୍ରୀୟା ତ୍ରିପାଠୀ, ସସ୍ମିତା ବିଶ୍ୱାସରାୟ, ମଞ୍ଜୁଶ୍ରୀ ପଧାନ ପ୍ରମୁଖ ଅଧାପିକା ଅଧାପକ ଉପସ୍ଥିତ ଥିଲେ।

ସେହିଭଳି ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଗଷ୍ଟ କ୍ରାନ୍ତି ଦିବସ ଓ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ମହିଳା ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁ ସଭାପତି ଭାବେ ଯୋଗଦେଇଥିଲେ। ଇତିହାସ ବିଭାଗର ବରିଷ୍ଠ ଅଧାପିକା ରଞ୍ଜୁଷା କୁମାରୀ ପ୍ରହରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରାନ୍ତି ଦିବସର ମହତ୍ତ୍ୱ ଓ ବିଭିନ୍ନ ଜାତୀୟ ଆନ୍ଦୋଳନ ବିଷୟରେ ଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗର ଅଧାପକ ଲକ୍ଷ୍ମୀକାନ୍ତ ସୌରା, ଇତିହାସ ବିଭାଗର ଅଧାପିକା ସୁନୀତା ପାତ୍ର ଯୋଗଦେଇଥିଲେ। ଇଂରାଜୀ ବିଭାଗ ଅଧାପକ ବିନୋଦ ବିହାରୀ ପ୍ରଧାନ, ଶିକ୍ଷା ବିଭାଗ ମୁଖ୍ୟ ଅଧାପିକା ଡ. ସଂଯୁକ୍ତା ପଣ୍ଡା ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀ ଯୋଗଦେଇଥିଲେ। ଛାତ୍ରୀମାନେ ଏକକ ଓ ଦଳଗତ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

# ରୁଗ୍‌ଣ ଅବସ୍ଥାରେ ରୋଗୀଙ୍କୁ ସେବା ଯୋଗାଉଥିବା ସ୍ୱାସ୍ଥ୍ୟକେନ୍ଦ୍ର

ଉମରକୋଟ, ୧୦।୮
(ସନ୍ତୋଷ ଶତପଥୀ)

**ଆୟୁର୍ବେଦ ଚିକିତ୍ସାଳୟର ଦୟନୀୟ ଅବସ୍ଥା**

- ଛାତରୁ ଗଳୁଛି ପାଣି, ଉଠିଗଲାଣି ସିମେଣ୍ଟ ଚଟାଣ
- ରୋଗୀଙ୍କ ପାଇଁ ନାହିଁ ୱେଟିଂ ହଲ୍ ସହ ପରିସ୍ରାଗାର

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ବେନରାରେ ୩୦ ବର୍ଷ ତଳେ ରାଜ୍ୟ ସରକାର ଏକ ଆୟୁର୍ବେଦ ହସ୍ପିଟାଲ ନିର୍ମାଣ କରାଇଥିଲେ। ଡାକ୍ତରଖାନା କୋଠା ତିଆରି କରି ନିଜ ଦାୟିତ୍ୱ ସାରିଦେଲେ ସରକାର। କିନ୍ତୁ ଏହାର କୌଣସି ମରାମତି କଲେ ନାହିଁ। ଦୀର୍ଘ ୩୦ ବର୍ଷ ଧରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇଆସୁଥିବା ଏହି ହସ୍ପିଟାଲ ଏବେ ନିଜେ ରୁଗ୍‌ଣ ହୋଇସପଡ଼ିଛି। ହସ୍ପିଟାଲ କୋଠା ବିପଦସଙ୍କୁଳଭାବେ ରହିଛି। କେତେବେଳେ ଯେ ତାହା ଭୁଶୁଡ଼ିଯିବ ତାହା କହିବା କଷ୍ଟ।

ହସ୍ପିଟାଲ କୋଠାରେ ଏସି ସିଟ ଛାତ ପଡ଼ିଛି। ଏବେ ତାହା ଫାଟି ପାଣି ଗଳୁଛି। ବର୍ଷାଦିନେ ଡାକ୍ତର ଆଉ ରୋଗୀଙ୍କ ଅବସ୍ଥା ନ କହିଲେ ଭଲ। ଏଠାରେ ଥିବା ସିମେଣ୍ଟ ଚଟାଣ ସବୁ ଭାଙ୍ଗିଗଲାଣି। ସେହିଭଳି ରୋଗୀମାନଙ୍କ ପାଇଁ ୱେଟିଂ ହଲ୍‌ର କୌଣସି ବ୍ୟବସ୍ଥା ନାହିଁ। ଏଥିସହ ଡାକ୍ତର କିମ୍ବା ରୋଗୀଙ୍କ ପାଇଁ ପରିସ୍ରାଗାର ବ୍ୟବସ୍ଥା ନାହିଁ। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ଅଞ୍ଚଳର ବରିଷ୍ଠ ନେତା କର୍ପୂର ଚନ୍ଦ୍ର ନାୟକ ଅନୁରୋଧ କରିଛନ୍ତି। ସରକାର ଆୟୁର୍ବେଦିକ ହସ୍ପିଟାଲକୁ ନ୍ୟୂନ ଦୃଷ୍ଟିରେ ଦେଖୁଥିବା ନାୟକ ଅଭିଯୋଗ କରିଛନ୍ତି। ଯଦି ବେନରା ଆୟୁର୍ବେଦିକ ହସ୍ପିଟାଲ ନୂତନ କୋଠା ରାଜ୍ୟ ସରକାର ଶୀଘ୍ର ନ କରନ୍ତି ତେବେ ଆନ୍ଦୋଳନ କରାଯିବ ବୋଲି କର୍ପୂର ନାୟକ ସୂଚନା ଦେଇଛନ୍ତି।


ଉମରକୋଟ ସ୍ଥିତ ଆୟୁର୍ବେଦ ଚିକିତ୍ସାଳୟ ।

## ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ଡାବୁଗାଁ, ୧୦।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଝରିଗୁଡ଼ା ଜଙ୍ଗଲ ମଧ୍ୟରେ ଶୁକ୍ରବାର ଘଟିଥିବା ଏକ ଦୁର୍ଘଟଣାରେ ଗୁରୁତର ଥିବା ଜଣେ ବ୍ୟକ୍ତିଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ପାପଡ଼ାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ଅଧୀନ ନୂଆଗୁଡ଼ା ଗ୍ରାମର ମନଧର ଭତ୍ରା (୨୫)। ସୂଚନାନୁଯାୟୀ, ଶୁକ୍ରବାର ଅପରାହ୍ନରେ ମନଧର ଓ ପରଶୁରାମ ଭତ୍ରା (୨୫) ଓ ଝରିଗାଁ ବ୍ଲକସ୍ଥିତ ବକଡ଼ାବେଡ଼ା ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ରାତିରେ ବାଇକ୍ (ଓଡି-୨୪ଜି ୩୨୩୬)ରେ ଫେରିବାବେଳେ ଝରିଗୁଡ଼ା ଜଙ୍ଗଲ ମଧ୍ୟରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲା। ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମନଧରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଚିକିତ୍ସିତ ଅବସ୍ଥାରେ ଶନିବାର ପୂର୍ବାହ୍ନ ୧୧.୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ବଡ଼ ବାପା ପୁଅ ଭାଇ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ୍ ନଂ ୧୫୩/୨୪ରେ ଏକ ମାମଲା ରୁଜୁ କରାଯାଇଛି।

# ୫ ମାସ ହେବ ଏଟିଏମ୍ ଅଚଳ, ଉପଭୋକ୍ତା ହନ୍ତସନ୍ତ

ଏମ୍‌ଭି ୭୯,୧୦।୮(ଭିକି ବାରିକ)

ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି ୭୯ ମୁଖ୍ୟ ଛକରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ୍ ପ୍ରାୟ ୫ ମାସ ହେବ ଅଚଳ ହୋଇପଡିଛି। ଏଟିଏମ୍ ଖରାପ ଥିବାରୁ ଏମ୍‌ଭି ୭୯ ସମେତ ଆଖପାଖ ଅଞ୍ଚଳଗୁଡ଼ିକରେ ଥିବା ଅନେକ ବ୍ୟବସାୟୀ ଓ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳରେ ଏହା ଏକମାତ୍ର ଏଟିଏମ୍।

ସୂଚନା ଅନୁଯାୟୀ, ୨୦୧୬ରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏମ୍‌ଭି ୭୯ରେ ଏହି ଏଟିଏମ୍ ପ୍ରତିଷ୍ଠା କରାଯାଇଥିଲା। ଏହା ଉପରେ କାଲିମେଳା ବ୍ଲକ୍ ତାଣ୍ଡବାଇ, ମହାରାଜପଲ୍ଲୀ, ଲୁଗେଲ, ମାଲାଭରମ୍, ଟିଗଲ, ଭୁବନପଲ୍ଲୀ, ପୁଷ୍ପୁଗୁଡା ଓ ମୋଟୁ ସମେତ ପଡିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟଙ୍କା ଉଠାଣରେ ସୁବିଧା ହେଉଥିଲା। ବିଶେଷକରି ଏହି ଛକ ଉପରେ ନିର୍ଭର କରୁଥିବା ବ୍ୟବସାୟୀ, ସରକାରୀ କର୍ମଚାରୀ, ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଆଜକୁ ୫ ମାସ ହେବ ହଇରାଣ ହେଉଛନ୍ତି। ଷ୍ଟେଟ ବ୍ୟାଙ୍କର ଏହି ଏଟିଏମ୍ ଉପରେ ବହୁ ଲୋକ ନିର୍ଭର କରୁଛନ୍ତି। ଏଟିଏମ୍‌ରେ ଥିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର,ଭିତରେ ଥିବା ଆଲୋକୀକରଣ ବ୍ୟବସ୍ଥା ଖରାପ ହୋଇପଡ଼ିଛି। ସେପଟେ ବହୁ ଦିନରୁ ଏଟିଏମ୍ ଖରାପ ହୋଇଥିବାରୁ ଭିତରେ ଗୋରୁ ପଶି ଯାଉଛନ୍ତି। ଜରୁରୀ ସମୟରେ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ଏଟିଏମ୍‌ରୁ ଟଙ୍କା ନ ପାଇ ଜରୁରୀ କାର୍ଯ୍ୟ କରିବା ପାଇଁ ଧାର କରଜ କରୁଥିବା ବେଳେ ଟଙ୍କା ଉଠାଇ ନ ପାରି ନିରାଶ ହୋଇ ଫେରୁଛନ୍ତି। ତେବେ ଗତ ୫ ମାସ ଧରି କୌଣସି କାରଣରୁ ଏହି ଏଟିଏମ୍ ଅଚଳ ହୋଇପଡିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମ୍‌ଭି ୭୯, କାଲିମେଳା ଓ ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାହକ ସେବା କେନ୍ଦ୍ରଗୁଡିକରେ ଭିଡ ଲଗାଉଥିବା ଦେଖିବାକୁ ମିଳିଛି। ବ୍ୟାଙ୍କଗୁଡିକରେ ମହିଳା, ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ସମେତ ବୃଦ୍ଧାବୃଦ୍ଧମାନେ ଟଙ୍କା ଉଠାଣ ପାଇଁ ଧାଡ଼ି ଲଗାଉଛନ୍ତି। ତୁରନ୍ତ ଏଟିଏମ୍ ମରାମତି କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ଏମ୍‌ଭି ୭୯ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ପି.ସି. ମୁଥୁଏଙ୍କୁ ପଚାରିବାରୁ ବର୍ତ୍ତମାନ ଏଟିଏମ୍‌ର ଯାହା ଖରାପ ହୋଇଛି ସେ ସମ୍ପର୍କରେ ଆମେ ଉପର ଅଫିସକୁ ଜଣାଇଛୁ । ଏହା ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି ।



ଅଚଳ ହେଉପଡିଥିବା ଏଟିଏମ୍ ।

## ସଂକ୍ଷେପରେ

### ଗିରିଧର ମାଝି ଭାଜପା ମିଡିଆ ସଂଯୋଜକ



ଝରିଗାଁ,୧୦।୮ ( କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବିଧାୟକ ନରସିଂହ ଭତ୍ରା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ରେ କାର୍ଯ୍ୟରତ ଗିରିଧର ମାଝିଙ୍କୁ ଭାଜପା ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କର ଏହି ଦାୟିତ୍ୱ ଗ୍ରହଣ ସମୟରେ ଝରିଗାଁ ନିର୍ବାଚନମଣ୍ଡଳୀ ସଂଯୋଜକ ଚନ୍ଦ୍ରଭାନୁ ନାୟକ, ଝରିଗାଁ ମଣ୍ଡଳ ସଭାପତି ଗଣପତି ସାହୁ, ଧୋଡ୍ରା ମଣ୍ଡଳ ସଭାପତି ମନୁରାଜ ଗଣ୍ଡ, ଚଚା ମଣ୍ଡଳ ସଭାପତି ମହେଶ୍ୱର ତିୱାରୀ, ଝରିଗାଁ ଯୁବମୋର୍ଚ୍ଚା ସଭାପତି ଗଜେନ୍ଦ୍ର ପାଣ୍ଡେ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଦାମ ତିୱାରୀ, ପ୍ରତାପ ଦୁରିଆ, ପିଙ୍କୁ ତିୱାରୀ, ଶଙ୍କର ସାହୁ, ପ୍ରଫୁଲ୍ଲ ପ୍ରଧାନୀ, ବିକି ରଥ, ରଞ୍ଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିରଙ୍ଗା ଯାତ୍ରା ପ୍ରସ୍ତୁତି ବୈଠକ

ଚନ୍ଦାହାଣ୍ଡି, ୧୦।୮(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ମାଲଗାଁ ମଣ୍ଡଳର ଭାଜପା ସଭାପତି ମୋହନ ନାୟକଙ୍କ ସଭାପତିତ୍ୱରେ ହର୍ ଘର୍ ତ୍ରିରଙ୍ଗା ବୈଠକ କରାଯାଇଛି। ୧୩ ତାରିଖରେ ମାଲଗାଁ ମଣ୍ଡଳସ୍ତରୀୟ ତ୍ରିରଙ୍ଗା ଯାତ୍ରା କରାଯିବ। ସମସ୍ତେ ଘରେ ତ୍ରିରଙ୍ଗା ପତାକା ଲଗାଇବା ନେଇ ବୈଠକରେ ଆଲୋଚନା ହୋଇଛି। ଏହି ବୈଠକରେ ବରିଷ୍ଠ ଭାଜପା ନେତା ଭରତ ବାଗ, ସୁରେଶ ପୋଡ଼, ବଂଶୀ ବଞ୍ଜରା, କେଦାର ପୂଜାରୀ,ଶ୍ୟାମ ମାଝି, ଆସମତି ବାଘ, ଟଙ୍କଧର ବାଘ, ଜରାସନ ଜାଲ, ସଚିନ ଗୋପାଳ, ଉମ୍ବରୁ ନାୟକ, ଅତବଲ ସୋରି ପ୍ରମୁଖ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଥାନାରୁ ଚମ୍ପଟ ଅଭିଯୁକ୍ତ ଗିରଫ



ଝରିଗାଁ,୧୦।୮ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନାରୁ ଫେରାର ହୋଇଥିବା ଅଭିଯୁକ୍ତ ନରେଶ ଦାସ (୨୭)ଙ୍କୁ ଉମରକୋଟସ୍ଥିତ କେନାଲ ସାହିରୁ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନାନୁଯାୟୀ, ଅଭିଯୁକ୍ତ ନରେଶଙ୍କ ନାମରେ ଏକ ଚୋରି ମାମଲା ଥିଲା। ଝରିଗାଁ ପୋଲିସ ତାଙ୍କୁ ସୋମବାର ଗିରଫ କରି ଥାନାରେ ରଖିଥିଲା। ଏହି ସମୟରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ଏସ୍‌ପି ରୋହିତ ବର୍ମା ଥାନା ସେଣ୍ଟ୍ରିଦାୟିତ୍ୱରେ ଥିବା କନଷ୍ଟେବଲ ଧନର ନାୟକଙ୍କୁ ଗୁରୁବାର ନିଲମ୍ବିତ କରିଥିଲେ।

### ଝୁଲନ୍ତା ମୃତଦେହ ଜବତ

ନବରଙ୍ଗପୁର,୧୦।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଥାନା ଅଧୀନ ସାନ ମସିଗାଁ ନିକଟରେ ଥବା ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ସ୍ଥାନୀୟ ଡଙ୍ଗରୀଗୁଡା ଗ୍ରାମର ତୁଳସୀ ଭତ୍ରା(୨୫)। ଶନିବାର ସକାଳୁ ଗଛରେ ଜଣେ ବ୍ୟକ୍ତିଙ୍କର ମୃତଦେହ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍‌ଆଇ ସବିର ଅହମ୍ମଦ ଓ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନବରଙ୍ଗପୁର ଥାନାରେ କେସ ନଂ ୧୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ବ୍ଲକ୍ ସଭାଗୃହରେ ସମୀକ୍ଷା

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ସଭାଗୃହରେ ଶୁକ୍ରବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଡିଓ ମନୋଜ ନାୟକ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ୨୨ଟି ପଞ୍ଚାୟତରୁ ୧୦ଟି ପଞ୍ଚୟତର ସରପଞ୍ଚ, ପିଇଓ, ଜିଆର୍‌ଏସ୍ ଏଡିଇଓମାନେ ଉପସ୍ଥିତ ଥିଲେ । ଗ୍ରାମୀଣ ଆବାସ ଯୋଜନା, ଏମ୍‌ଜିଏନ୍‌ଆରଇଜିଏ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା ।

# ୪ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କୁ ଦିଆଯିବ କୃମିନାଶକ

ନବରଙ୍ଗପୁର,୧୦।୮(ସଦାଶିବ ପ୍ରହରାଜ)



ଜିଲାସ୍ତରୀୟ ଜାତୀୟ କୃମି ନାଶ ଦିବସ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ଅତିଥି।

ନବରଙ୍ଗପୁର ନୋଡାଲ ଆରସିଡି ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଇଛି। ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ମୁଖ୍ୟ ଅତିଥି, ସିଡିଏମ୍‌ଓ ମଳୟ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୃମିନାଶକ ଔଷଧ ସେବନ କଲେ ଏହା ରୋଗର କୁପ୍ରଭାବକୁ କମାଇବା ସହ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ।

୬ ମାସରୁ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ, କିଶୋରୀ କିଶୋର ଏବଂ ୨୦ ବର୍ଷରୁ ୨୪ ବର୍ଷ ବୟସ୍କ (ଗର୍ଭବତୀ ବା ପ୍ରସୂତି ଅବସ୍ଥାରେ ନ ଥିବା) ସମସ୍ତ ମହିଳାଙ୍କୁ କୃମିନାଶକ ଔଷଧ ସେବନ କରିବାକୁ ଦିଆଯିବ। କୃମିନାଶକ ଔଷଧ ସେବନ ନ କରିଥିବା ଶିଶୁ, କିଶୋର, ୨୦ ବର୍ଷରୁ ୨୪ ବର୍ଷ ବୟସ୍କ ଗର୍ଭବତୀଙ୍କୁ ୧୭ ତାରିଖରେ (ମପ୍ - ଆପ୍ ଦିବସ)ରେ କୃମିନାଶକ ଔଷଧ ସେବନ କରିବାକୁ ଦିଆଯିବ ବୋଲି ସିଡିଏମ୍‌ଓ ତ୍ରିପାଠୀ କହିଥିଲେ। ଜିଲାର ୫ ବର୍ଷରୁ କମ୍ ପ୍ରାୟ ୧,୧୯,୧୫୦ ଜଣ ଶିଶୁଙ୍କୁ କୃମିନାଶକ ସିରପ ଏବଂ ୬ରୁ ୧୯ ବର୍ଷ ମଧ୍ୟରେ ପ୍ରାୟ ୩,୦୭,୧୧୬ ଜଣଙ୍କୁ ଆଲବେଣ୍ଡାଜଲ ବଟିକା ଦିଆଯିବ। ସେହିଭଳି, ୨୦ରୁ ୨୪ ବର୍ଷ ମଧ୍ୟରେ ଗର୍ଭବତୀ ବା ପ୍ରସୂତି ଅବସ୍ଥାରେ ନ ଥିବା ପ୍ରାୟ ୩୩,୨୪୨ ଜଣ ମହିଳାଙ୍କୁ କୃମିନାଶକ ଔଷଧ ସେବନ କରିବାକୁ ଦିଆଯିବ। ଜିଲାର ୧୦ ବ୍ଲକ ଓ ୨ ଟି ସହରାଞ୍ଚଳରେ ଥିବା ୧୯୬୬ ସରକାରୀ/ବେସରକାରୀ/ସରକାରୀ ସହାୟତା ପାଉଥିବା ବିଦ୍ୟାଳୟଗୁଡିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଏହି ଔଷଧ ଦିଆଯିବ। ସେହିଭଳି ୧ରୁ ୫ ବର୍ଷ ବୟସ୍କ ସମସ୍ତ ଶିଶୁ, ୬ ରୁ ୧୯ ବର୍ଷ ବୟସ୍କ ବିଦ୍ୟାଳୟ ଯାଉ ନ ଥିବା ସମସ୍ତ ଶିଶୁ/କିଶୋର କିଶୋରୀ ତଥା ଗର୍ଭବତୀ ନ ଥିବା ସମସ୍ତ ମହିଳାଙ୍କୁ ୨୩୦୬ ଅଙ୍ଗନୱାଡ଼ି କେନ୍ଦ୍ରରେ କୃମିନାଶକ ଦିଆଯିବ ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ ପ୍ରହରାଜ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ଧନ୍ୟବାଦ ଦେଇଥିଲେ।

# ଆଇନ ସମ୍ପର୍କରେ ସଚେତନ କରିବା ନେଇ ତାଲିମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୧୦।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ(ଡିଏଲ୍‌ଏସ୍‌ଏ) ପିପୁଲ୍‌ସ କଲଚରାଲ ସେଣ୍ଟର (ପିଇସିୟୁସି)ଙ୍କ ମିଳିତ ଆନୁକୂଲ୍ୟରେ ତାଲିକାଭୁକ୍ତ ଆଇନଜୀବୀ ଓ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଜିଲା କୋର୍ଟ ପରିସରରେ ଆୟୋଜିତ ହୋଇଛି। ନିଜ ଅଞ୍ଚଳର ଲୋକଙ୍କୁ କିପରି ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କରେ ସଚେତନ, ଡିଏଲ୍‌ଏସ୍‌ଏର ଉପକାରିତା ବିଷୟରେ ଲୋକଙ୍କୁ ଜଣାଇବା, ମହିଳା, ଶିଶୁ, ତଫସିଲଭୁକ୍ତ ଜାତି ଉପଜାତି ସମାଜର ଅନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ରହିଥିବା ଆଇନ ସେବା ବ୍ୟବସ୍ଥା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ନେଇ ପ୍ରଶିକ୍ଷଣ ଦିଆଯାଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ୍ ସୁବ୍ରତ ମହାନ୍ତି ମୁଖ୍ୟ ଅତିଥି, ମୁଖ୍ୟ ବିଚାରବିଭାଗ ଦଣ୍ଡାଧିକାରୀ ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲା କୋର୍ଟ ସୁକାନ୍ତ କିଶୋର ଜେନା, ଡିଏଲ୍‌ଏସ୍‌ଏ ସଚିବ ସାଇ ଅଭିପ୍ସା ଗୋଛାୟତ, ବରିଷ୍ଠ ଦେୱାନୀ ଜଜ୍ ମୋନିତା ତ୍ରିପାଠୀ, ଜେଏମ୍‌ଏଫ୍‌ସି ରାଜେଶ କୁମାର ମିଶ୍ର, ଦେୱାନୀ ଜଜ୍ ମିସ ଅଙ୍କିତା ପାଣିଗ୍ରାହୀ, ପ୍ରୋଜେକ୍ଟ କୋଅର୍ଡିନେଟର ପିଇସିୟୁସି ମନୋଜ ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଡିଏଲ୍‌ଏସ୍‌ଏ ସଚିବ ଗୋଛାୟତ ଶିବିର ପରିଚାଳନା କରିଥିଲେ।

# ମାଟ୍ରିକ ପିଲାଙ୍କ ସହାୟକ ପୁସ୍ତିକା ସ୍ପାର୍କ-୧ ଉନ୍ମୋଚିତ

ନବରଙ୍ଗପୁର,୧୦।୮(ସଦାଶିବ ପ୍ରହରାଜ)

ମାଟ୍ରିକ୍ ପରିକ୍ଷାରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ଏକ ସହାୟକ ପୁସ୍ତିକା ସ୍ପାର୍କ-୧କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉନ୍ମୋଚିତ କରିଛନ୍ତି। ଶନିବାର ବେହେଡ଼ାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ଯୋଗ ଦେଇଥିଲେ। ଶିକ୍ଷା ହିଁ ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ସମସ୍ତଙ୍କୁ ଆଲୋକ ପଥ ପ୍ରଦର୍ଶନ କରିବ ବୋଲି ମତ ଦେଇଥିଲେ। ଏହି ସ୍ପାର୍କ ସହାୟକ ପୁସ୍ତିକାର ସଫ୍ଟ କପି ସ୍କୁଲର ସ୍ମାର୍ଟ ବୋର୍ଡ ଓ ଲାଇବ୍ରେରୀରେ ଥିବା କମ୍ପ୍ୟୁଟରରୁ ପଢ଼ିପାରିବେ। ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ବିକାଶରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ। ସ୍ପାର୍କ ପୁସ୍ତିକା ଜିଲାର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ବୋଲି ଡିଇଓ ମତ ଦେଇଥିଲେ। ଏହା କିଭଳି ଭଲ ରେଜଲ୍ଟ କରିବାରେ ସହାୟକ ହେବ ସେ ନେଇ ଡିଇଓ କହିଥିଲେ। ଏହାକୁ ପ୍ରସ୍ତୁତ କରିଥିବା ସମସ୍ତ ଶିକ୍ଷକଙ୍କୁ ମନ୍ତ୍ରୀ ସାଧୁବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଉମରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶୀଳା ମାଝି, ଏଡିଇଓ ଡ. ରେଶମଲାଲ ନାୟକ, ବିଇଓ ବିକାଶ ଚନ୍ଦ୍ର ସରକାର, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ପ୍ରମିଳା ଗଣ୍ଡ ଓ ସ୍ଥାନୀୟ ଜିଲାପରିଷଦ ସଭ୍ୟ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ଜୟପୁର, ୧୦।୮(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ନେଇ ରୁଜୁ ମାମଲାରେ ଜୟପୁର ମହିଳା ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସଲପା ଗ୍ରାମର ବାବୁଲି ନାୟକ (୨୦)। ବାବୁଲି ଜଣେ ନାବାଳିକା(୧୭)ଙ୍କୁ ୨ମାସ ତଳେ ଅପହରଣ କରି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ସୂଚନା ପାଇ ବାବୁଲି ନାବାଳିକାଙ୍କ ସହ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାର ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅନିତା କୁଜୁର କହିଛନ୍ତି ।

# କ୍ଷତିଗ୍ରସ୍ତଙ୍କ ସ୍ଥିତି ପରଖି ସହାୟତା ନିର୍ଦ୍ଦେଶ ଦେଲେ ବିଧାୟକ

ନବରଙ୍ଗପୁର, ୧୦।୮(ସଦାଶିବ ପ୍ରହରାଜ)

ଲଗାଣ ବର୍ଷାରେ ଅନେକଙ୍କ ଘର ଭୁଶୁଡ଼ି ପଡ଼ିଛି। ନବରଙ୍ଗପୁର ସହରସ୍ଥିତ ୧୨ ନଂ ୱାର୍ଡ ଚାଇନା ମାର୍କେଟର କେ.ବିଶ୍ୱାଳ ରାଓ ଏବଂ ୮ ନମ୍ବର ୱାର୍ଡ ଭାନୁ ହରିଜନ ଓ କୈଳାଶ ହରିଜନଙ୍କ ଘର ଲଗାଣ ବର୍ଷା ରେ ଭାଙ୍ଗିଯାଇଛି। ଖବରପାଇ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ କ୍ଷତିଗ୍ରସ୍ତଙ୍କୁ ଭେଟି ସେମାନଙ୍କ ସ୍ଥିତି ପଚାରି ଥିଲେ। ସେ ପୌରନିର୍ବାହୀ ଅଧିକାରୀଙ୍କୁ ସେଠାକୁ ଡକାଇ, କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦାହାଣ୍ଡି ବ୍ଲକ ଅଧୀନ ମିର୍ଗାନଗୁଡ଼ାର ସୋମନାଥ ରାଉତଙ୍କ ଘର ଭୁଶୁଡ଼ି ପଡ଼ିଥିବା ଜାଣି ଏହାର ଥଇଥାନ ପାଇଁ ବିଡିଓଙ୍କ ନିର୍ଦ୍ଦେଶ ଦେଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ପଞ୍ଚୟତର ଚିତ୍ରକୋଟ ଗାଁର ବ୍ରହ୍ମକୁମାର ଭଉଣୀ ଭାଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ।


ବିଧାୟକ କ୍ଷତିଗ୍ରସ୍ତଙ୍କ ସହ ଆଲୋଚନା କରୁଛନ୍ତି ।

# ବେହେଡ଼ା, ଭଣ୍ଡାରିଗୁଡ଼ାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟିତ

ଉମରକୋଟ, ୧୦।୮(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଧୀନ ବେହେଡ଼ା ଓ ଭଣ୍ଡାରିଗୁଡ଼ାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ବେହେଡ଼ାରେ ଡିଇଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟୁଟୁ ବାବୁ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି ବିଷ୍ଣୁଚରଣ ସାହୁ, ସ୍କୁଲ ସଭାପତି ସଜିତ ପଟ୍ଟନାୟକ, ବେହେଡ଼ା ସରପଞ୍ଚ ପ୍ରମିଳା ଗଣ୍ଡ, ଉମରକୋଟ ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝି, ସମିତି ସଭ୍ୟା ଜୟମଣୀ ଗଣ୍ଡ, ଭାରପ୍ରାପ୍ତ ଅଧ୍ୟ ସଞ୍ଜୟ ସାମଲ, ବିଇଓ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ଉପସ୍ଥିତ ଥିଲେ। ବିରଞ୍ଚି ସୁନାନି ଧନ୍ୟବାଦ ଦେଇଥିଲେ। ସ୍କୁଲ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉମରକୋଟ ଓ ରାଇଘର ମଧ୍ୟରେ ଥିବା ବେହେଡ଼ାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା ଆଖପାଖ ଅଞ୍ଚଳର ପ୍ରାୟ ୧୫ ଖଣ୍ଡ ଗାଁ ପିଲାମାନେ ଯୁକ୍ତ ୨ କଳା ବିଭାଗରେ ପାଠ ପଢ଼ିପାରିବେ। ପୂର୍ବେ ଏହି ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଯୁକ୍ତ ୨ ପଢିବା ପାଇଁ ଉମରକୋଟ ଓ ରାଇଘର ଯିବାକୁ ପଡୁଥିଲା। ବର୍ତ୍ତମାନ ୯୧ ଜଣ ଛାତ୍ରୀଛାତ୍ର ପ୍ରଥମ ବର୍ଷରେ ନାମ ଲେଖାଇ ସାରିଛନ୍ତି। କମିଟି ପକ୍ଷରୁ ମୁନା ପାଣିଗ୍ରାହୀ, ଚନ୍ଦନ, ଇନ୍ଦ୍ର, ଜୟରାମ ମହାରଣା, ସହଦେ ବାଗ, ରବୀନ୍ଦ୍ର ବାଗ, ମାଟା, ଚିନା ପଟ୍ଟନାୟକ ଉପସ୍ଥିତ ଥିଲେ। ଉମରକୋଟ ବ୍ଲକ ଭଣ୍ଡାରିଗୁଡ଼ାରେ ମଧ୍ୟ ମନ୍ତ୍ରୀ ଗଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନ କରିଛନ୍ତି।

# ୪ଦିନ ପରେ ବି ସ୍ୱାଭାବିକ ହୋଇପାରୁନି ଯାତାୟାତ

## ଧୋଇଯାଇଛି କନ୍ହେଇମୁଣ୍ଡା ବ୍ରିଜ୍ ଡାଇଭର୍ସନ ରାସ୍ତା

ତେନ୍ତୁଳିଖୁଣ୍ଟି, ୧୦।୮(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କନ୍ହେଇମୁଣ୍ଡାରେ ବ୍ରିଜ୍ ନିର୍ମାଣ ପାଇଁ କରାଯାଇଥିବା ଡାଇଭର୍ସନ ରାସ୍ତା ୬ ତାରିଖ ମଙ୍ଗଳବାର ଅପରାହ୍ନରେ ହୋଇଥିବା ଲଗାଣ ବର୍ଷାରେ ଭାସିଯାଇଛି। ଉକ୍ତ ରାସ୍ତାରେ ସେବେଠାରୁ ପ୍ରାୟତଃ ଗମନାଗମନ ଠପ୍ ରହିଛି। ଯାତାୟାତ ସ୍ୱାଭାବିକ କରିବା ପାଇଁ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କ ଉପସ୍ଥିତିରେ କରାଯାଇଥିବା ପ୍ରୟାସ ବୁଧବାର ସନ୍ଧ୍ୟାର ଲଗାଣ ବର୍ଷାର ପୁଣି ଧୋଇଗଲା । ଦୂରରୁ ଆସୁଥିବା ଯାତ୍ରୀବାହୀ ବସ୍, ବାଇକ୍ ଆରୋହୀଙ୍କ ଭିଡ଼ ଏଡ଼ାଇବା ପାଇଁ ପୋଲିସ ଉଦୟପୁର , ଡମୁଗୁଡ଼ା କିମ୍ବା ଦିଗି, ପଣସପଦର ରାସ୍ତାରେ ଯିବାକୁ ପରାମର୍ଶ ଦେଉଥିବା ଦେଖାଯାଇଛି। ବିକଳ୍ପ ରାସ୍ତାରେ ଦୂରନ୍ତ ବସ୍ ଯାତାୟାତ ଯୋଗ୍ୟ ହୋଇ ନ ଥିବାରୁ ଯାତ୍ରୀମାନେ ହଇରାଣ ହୋଇଛନ୍ତି। ଅନ୍ୟ ବସ୍ ଚଳାଚଳ ଯାତାୟାତ ପାଇଁ ଅତିରିକ୍ତ ୪/୫ କି.ମି. ଯିବାକୁ ପଡୁଛି।

ସୂଚନାନୁଯାୟୀ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଟେଣ୍ଡରକରି ଉକ୍ତ ବ୍ରିଜ୍ କାମ କରୁଛି। ପୁରୁଣା ବ୍ରିଜ୍ ଭାଙ୍ଗି ୪ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରିଜ୍ କାମ ହୋଇଥିବାବେଳେ ଉକ୍ତ କାର୍ଯ୍ୟରେ ଡାଇଭର୍ସନ ରାସ୍ତା ପାଇଁ ପ୍ରାବଧାନ ନ ଥିବା ଠିକାଦାର ଓ ଯନ୍ତ୍ରୀ କହୁଛନ୍ତି। ରାସ୍ତା ଧୋଇଯିବା ପରେ ଯନ୍ତ୍ରୀ ମନୋରଞ୍ଜନ ସାହୁ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାକୁ ଯାତାୟାତ ଉପଯୋଗୀ କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ତାହା ପୁଣି ଭାସିଯାଇଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି ହୋଇଛି।

# ଝରିଗାଁରେ ସରକାରୀ ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟନ

ଝରିଗାଁ,୧୦।୮(କିଶୋର ଚନ୍ଦ୍ର ମଣ୍ଡଳ)

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ଲୋକସେବା ଭବନରୁ ଆଭାସୀ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ଥିବା ୧୪ଟି ସ୍ନାତକ ମହାବିଦ୍ୟାଳୟ ଉଦ୍‌ଘାଟନ କରାଯାଇଛି। ଏଥିରେ ନବରଙ୍ଗପୁରର ଝରିଗାଁ ସ୍ନାତକ ମହାବିଦ୍ୟାଳୟ ମଧ୍ୟ ରହିଛି। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଚ୍ଚ ଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଉପସ୍ଥିତ ଥିଲେ। ଝରିଗାଁରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓସ୍‌ୱାନ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପ୍ରିତା କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଆନ୍ଦ୍ରିୟ ଶବର ଓ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଭାସ କୁମାର ଦାସ, ବିଷ୍ଣୁ ପ୍ରସାଦ ସାହୁ ଓ ଆଶିଷ କୁମାର ନାୟକ, ମହାବିଦ୍ୟାଳୟର କର୍ମଚାରୀ



ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ପାଇଁ ଦୂରସ୍ଥାନକୁ ଯିବା ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ତେଣୁ ଅନେକ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିଲେ। ଏବେ ଏଠାରେ କଲେଜ ହେବାରୁ ପିଲାମାନେ ଖୁସିବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ସରକାରୀ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି ।

# ଜିଲାସ୍ତରୀୟ ଗୋ-ପ୍ରଜନନ କ୍ଷମତା ବୃଦ୍ଧି ସଚେତନତା ଶିବିର



ଶିବିରରେ ଚିକିତ୍ସା ଚାଲିଛି।

ନନ୍ଦାହାଣ୍ଡି, ୧୦।୮(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ସରୁଗୁଡ଼ା ଗୋବିନ୍ଦାଳୟ ଗୋଶାଳାରେ ପଶୁଧନ ଜାଗୃତି ଅଭିଯାନ ଆନୁକୂଲ୍ୟରେ ଏକ ଗୋବନ୍ଧ୍ୟା ନିରାକରଣ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଗୋରୁଙ୍କ ବନ୍ଧ୍ୟା ନିରାକରଣ ଚିକିତ୍ସା ସହ ସେମାନଙ୍କ ପାଇଁ ଚାଷୀଙ୍କୁ ଔଷଧ ଓ ଭିଟାମିନ ଏବଂ ମିନେରାଲ ମିକ୍ସଚର କିଟ୍ ବଣ୍ଟନ କରାଯାଇଥିଲା। ୧୫୦ ଜଣ ଚାଷୀଙ୍କୁ ନେଇ ଏକ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ରଶ୍ମିତା ମାଝି ମୁଖ୍ୟ ଅତିଥି, ନନ୍ଦାହାଣ୍ଡି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ୍- ୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଡଙ୍ଗରଭେଜା ପଞ୍ଚାୟତ ସମିତି ସଭ୍ୟ ଅଭିମନ୍ୟୁ ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ତ୍ରିପାଠୀ, ନବରଙ୍ଗପୁର ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଏକ, ଉପନିର୍ଦ୍ଦେଶକ ନବରଙ୍ଗପୁର ଡାକ୍ତର ବିଜୟ କୁମାର ପାତ୍ର, ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ରୋଗ ନିୟନ୍ତ୍ରଣ ଡାକ୍ତର ପ୍ରଶାନ୍ତ ସାମଲ ସମୁଖ ଗୋବନ୍ଧ୍ୟାର କାରଣ , ନିରାକରଣ ଓ ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିର ଏବଂ କର୍ମଶାଳାକୁ ନନ୍ଦାହାଣ୍ଡି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ସୁରେଶ ଚନ୍ଦ୍ର ବେହେରା, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡାକ୍ତର ବିଶ୍ୱରଞ୍ଜନ ସାହୁ , ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡାକ୍ତର ଗୁଣନିଧି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି ସଭାରେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମଳୟ କୁମାର ମିଶ୍ର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଦିଲୀପ କୁମାର କବିରାଜ, ଚାଷୀମାନଙ୍କୁ ସଚେତନ କରିଥିଲେ। ସଭାରେ ଡାକ୍ତର ପ୍ରଜ୍ଞାପାରମିତା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉପନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ବୈଦ୍ୟଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଲକ୍ଷ୍ୟ

## ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବୈଦ୍ୟରାଜଙ୍କୁ ପ୍ରମାଣପତ୍ର ବଣ୍ଟନ

ଉମରକୋଟ, ୧୦।୮(ସନ୍ତୋଷ ଶତପଥୀ)

ପିରାମଲ ଫାଉଣ୍ଡେଶନ ପକ୍ଷରୁ ନବରଙ୍ଗପୁର ଜିଲାର ୩୪ ଜଣ ଆଦିବାସୀ ବୈଦ୍ୟରାଜଙ୍କୁ ଉମରକୋଟରେ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ପାରମ୍ପରିକ ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ (ବୈଦ୍ୟରାଜ)ଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ଦୁର୍ଗମ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ବୈଦ୍ୟରାଜଙ୍କୁ ସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟିକରିବା ଉଦ୍ଦେଶ୍ୟ ରହିଛି। ଜନଜାତି ସୁରକ୍ଷା ମଞ୍ଚ ଜିଲା ସଭାପତି ଗୋପୀନାଥ ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷା ଏବଂ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ଜନଜାତି



ଜଣେ ବୈଦ୍ୟଙ୍କୁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ସୁରକ୍ଷା ମଞ୍ଚ ଜିଲା ସଂଯୋଜକ ରାଜମନ୍ ଭତ୍ରା, ପିରାମଲ ଫାଉଣ୍ଡେଶନର ଦାମା ଖିଲ, ଜ୍ୟୋତି ପ୍ରକାଶ ଦାସ, ଧୀରଜ ବାଘ, ଦେବ ପ୍ରସାଦ ହରିଜନ, ଅମ୍ରିତା ଲାକ୍ରା, ନେହା ସାଇଲୱର୍, ରିନା ସୁଧୀର ସିକଦାର, ମାଖନ୍ ଧୁର୍ବେ,ଅମିତ୍ ଯାଦବ, ସୁକଦେବ ବିଶ୍ୱାସ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାରେ ବିଲୁପ୍ତ ହେବାକୁ ବସିଥିବା ଆଦିବାସୀ ବୈଦ୍ୟରାଜଙ୍କୁ ଚିହ୍ନଟକରି ଭାରତ ସରକାରଙ୍କ କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ ଏବଂ ଟିଡିୟୁ ପର୍ସନାଲ ସାର୍ଟିଫିକେସନ୍ ସଂସ୍ଥା ମାଧ୍ୟମରେ ଓଡ଼ିଶାରେ ମୋଟ ୧୭୨ ଜଣ ବୈଦ୍ୟରାଜଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାରୁ ମନ୍ତ୍ରୀ ପିରାମଲ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ପ୍ରମାଣପତ୍ର ପାଇଥିବା ୩୪ ଆଦିବାସୀ ବୈଦ୍ୟରାଜ ଖୁସିବ୍ୟକ୍ତ କରିବା ସହ ପିରାମଲ୍ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ଗାନ୍ଧୀ ଫେଲୋଶିପ ପ୍ରୋଗ୍ରାମର ରାଜ୍ୟ ପରିଚାଳକ ଦାମା ଖିଲ ଧନ୍ୟବାଦ ଦେଇଥିଲେ।

